# ବୀରମାଟି ସମ୍ବଲପୁର ଓ ମୁକ୍ତିକାମୀ ଯୋଦ୍ଧାଙ୍କୁ ସଲାମ











## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ସମ୍ବଲପୁର, ୨୭।୧ (ସମିସ) : ବୀର ମାଟି ସମ୍ବଲପୁରକୁ ପ୍ରଣାମ ଜଣାଇ ବକ୍ତବ୍ୟ ଆରମ୍ଭ କରିଥିଲେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ସେ କହିଥିଲେ, ଏହି ଦିବସ ପ୍ରତ୍ୟେକ ଭାରତୀୟ ଙ୍କ ପାଇଁ ଗର୍ବ, ଗୌରବ ଓ ଆତ୍ମସମୀକ୍ଷାର ଦିବସ। ମୁକ୍ତି ସଂଗ୍ରାମରେ ସମ୍ବଲପୁରର ଅବଦାନକୁ ମନ୍ତ୍ରୀ ପ୍ରଶଂସା କରିବାସହ ସେଇ ମହାନ୍ ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବଲପୁର ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଆୟୋଜିତ ହୋଇଯାଇଛି।

ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଲେ ଯେ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ସହିଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ମାଧୋ ସିଂ, ସହିଦ ବିର୍ସା ମୁଣ୍ଡା, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମା' ରମାଦେବୀ, ମାଳତୀ ଚୌଧୁରୀ, ଶାରଳା ଦେବୀ, ଜୟୀ ରାଜଗୁରୁ, ରଘୁ ଦିବାକର ପ୍ରମୁଖ ସଂଗ୍ରାମୀମାନେ ଚିର ନମସ୍ୟ। କ୍ରାନ୍ତି ଓ ମୁକ୍ତି ପଥରେ ଏହି ସମ୍ବଲପୁର ଜିଲ୍ଲା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ମହାତ୍ମା ଗାନ୍ଧୀଙ୍କ ଦୁଇଥର ସମ୍ବଲପୁର ଆଗମନ ସମ୍ବଲପୁରବାସୀଙ୍କୁ ପ୍ରେରଣା ଯୋଗାଇଥିଲା। ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଅବିଶ୍ରାନ୍ତ ସଂଗ୍ରାମ ଅତ୍ୟାଚାରୀ ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା। ସେହିପରି ରାଣୀ ରତ୍ନକୁମାରୀ, ମଦନମୋହନ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ଭାଗିରଥୀ ମିଶ୍ର, ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗିରଥୀ ପଟ୍ଟନାୟକ, ନୃସିଂହ ଗୁରୁ, ଡା. ରାମଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ରାଏ ଲାଠ, ବୋଧରାମ ଦୁବେ, ମହନ୍ତ ବିହାରୀ ଦାସ, ପ୍ରଭାବତୀ ଦେବୀ ଓ ପାର୍ବତୀ ଗିରି ପ୍ରମୁଖଙ୍କ ମହାନ୍ ତ୍ୟାଗ ଆଜି ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ଏହି ସଂଗ୍ରାମୀ ମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷଙ୍କ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଏବଂ ଭାରତୀୟ ପୁଲିସ ସେବା ଶିକ୍ଷାନବିସ ମଞ୍ଚରେ ଉପସ୍ଥିତ ଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦଙ୍କୁ ଭୁଲିଗଲେ ମନ୍ତ୍ରୀ

ସମ୍ବଲପୁର ସ୍ୱାଧୀନତା ସଂଗ୍ରାମର "ପଞ୍ଚସଖା' କୁହାଯାଉଥିବା ପାଞ୍ଚ ଜଣଙ୍କ ମଧ୍ୟରୁ ସାଲିସ ବିହୀନ ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀଙ୍କ ନାମକୁ ସ୍ମରଣ କରିବା ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଭୁଲି ଯାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସର୍ବାଧିକ ସମୟ କାରାବରଣ କରିଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରେ ରହିଛନ୍ତି ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଏବଂ ଦୟାନନ୍ଦ ଶତପଥୀ। ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ୧୪ ବର୍ଷରୁ ଊର୍ଦ୍ଧ୍ୱର କାରାବରଣ କରିଥିବାବେଳେ ଦୟାନନ୍ଦ ଶତପଥୀ ୮ ବର୍ଷ କାରାବରଣ ସହ ୧ ବର୍ଷ ଗୃହବନ୍ଦୀ ଭାବେ ରହିଥିଲେ। ପଶ୍ଚିମ ଓଡ଼ିଶାର ସର୍ବାଧିକ କାରାବରଣ କରିଥିବା ସଂଗ୍ରାମୀଙ୍କ ନାମ ମନ୍ତ୍ରୀ ଭୁଲିଯିବା ବିଡ଼ମ୍ବନାର ବିଷୟ। ଅନ୍ୟପକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଉଥିବା ଲିଖିତ ଭାଷଣରେ ମଧ୍ୟ ଦୟାନନ୍ଦ ଶତପଥୀ ସ୍ଥାନ ପାଉନଥିବାରୁ ସମ୍ବଲପୁରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### କଂଗ୍ରେସ କାର୍ଯ୍ୟାଳୟ

ସମ୍ବଲପୁର : ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ସଭାପତି ଅମିତ ଗୁରୁଙ୍କ ଅଧ୍ୟକ୍ଷତାରେ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲା ସଭାପତି ସୁରେଶ୍ୱର ମିଶ୍ର , ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ପୂର୍ବତନ ସଭାପତି ଜୟଶଙ୍କର ମିଶ୍ର, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଦିଲୀପ ଦୁରିଆ, ବିଜୟଲକ୍ଷ୍ମୀ ବେହେରା, ହୀରାକୁଦ ନଗର ସଭାପତି ରବି ରାଉତ, ବୁର୍ଲା ସଭାପତି ଗିରିଜା ନାୟକ, ଦୀନବନ୍ଧୁ ପରିଡ଼ା, ରେଙ୍ଗାଲି ବ୍ଲକ ସଭାପତି ଚତୁର୍ଭୁଜ ଝାଙ୍କର, ଜିତେନ ମହାନନ୍ଦ, ସଞ୍ଜୟ ଛୁରିଆ, ହରି ପାଢ଼ୀ, ଫିଲିପ୍ସ କୁମାର, ଓଲିଭ ଚୌଧୁରୀ, ଏମ୍‌ଡି ମୁକ୍ତାର, ସଦାନନ୍ଦ ବରାଳ, ଏମ୍‌ଡି ସଲିମ, ଏମ୍‌ଡି କଲିମ୍, ତପନ ବେହେରା, ସୁମିତ ନାୟକ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।



ସମ୍ବଲପୁର : ସାଧାରଣତନ୍ତ୍ର ଦିବସ ଅବସରରେ ଦୈନିକ 'ସକାଳ' କାର୍ଯ୍ୟାଳୟରେ ପତାକା ଉତ୍ତୋଳନ।

### ରେଳମଣ୍ଡଳ

ସମ୍ବଲପୁର : ପୂର୍ବତଟ ରେଳପଥ, ସମ୍ବଲପୁର ମଣ୍ଡଳ ପକ୍ଷରୁ ସମ୍ବଲପୁରସ୍ଥିତ ରେଳ ଷ୍ଟାଡିୟମରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁଭାଷ ଚନ୍ଦ୍ର ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଆର୍‌ପିଏଫ୍, ଏନସିସି, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଶ୍ରୀ ଚୌଧୁରୀ କହିଲେ ଯେ, ସମ୍ବଲପୁର ମଣ୍ଡଳ ଉତ୍ତମ ଯାତ୍ରୀ ସୁବିଧା ସହିତ ନିରାପଦ ଏବଂ ଦକ୍ଷ ଟ୍ରେନ୍ ସେବା ପ୍ରଦାନ କରିବା ପାଇଁ କଠିନ ପରିଶ୍ରମ କରୁଛି ଏବଂ ସେ ସମ୍ବଲପୁର ମଣ୍ଡଳର କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅର୍ଥାତ୍ ଏପ୍ରିଲ ୨୦୨୫ ରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ମଣ୍ଡଳର ଆୟ ୨୩୯୮.୦୩ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୪.୨୫% ଅଧିକ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ, ଉନ୍ନତ ସୁରକ୍ଷା ଏବଂ ସୁବିଧା ପାଇଁ ବରପାଲି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ଅବସରରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧ୍ୟକ୍ଷା ବିନ୍ଦୁ ଚୌଧୁରୀ, ରେଳ ଅଧିକାରୀ ଏବଂ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପୋନ୍ନା ଭେଙ୍କଟେଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ

ସମ୍ବଲପୁର : ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ୭୭ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରନ୍ଥାଗାରର କର୍ମକର୍ତ୍ତା ଓ ବିଦ୍ୟାର୍ଥୀ ମାନଙ୍କ ଗହଣରେ ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ। ସଭ୍ୟସଚିବ ରଘୁନାଥ ମିଶ୍ର, ସଭ୍ୟ ସେବକ ତ୍ରିପାଠୀ ଓ ସଂଯୋଜକ ବିଜୟ କୁମାର ସାହୁ ଓ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରୁ ବୁବୁନ ବାରିକ, ରାଜା ମେହେର, ଗାନ୍ଧିରାଜ ଭୋଇ, ଅନନ୍ତ ବେହେରା ପୁଷ୍ପାଞ୍ଜଳି ଅମାତ ପ୍ରମୁଖ ଗଣତନ୍ତ୍ର ଦିବସ, ସମ୍ବିଧାନ ତଥା ଆମ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ।

### ବୈଦ୍ୟ ବିକାଶ ହସ୍‌ପିଟାଲ

ସମ୍ବଲପୁର : ପାଞ୍ଚଗଛିଆସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ ପରିସରରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ୍‌ର ଅଧ୍ୟକ୍ଷ ଜି.ଭାସ୍କର ରାଓ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ ତାଙ୍କ ଉଦ୍‌ବୋଧନରେ ଦେଶର ସାମ୍ବିଧାନିକ ମୂଲ୍ୟବୋଧ ଓ ସ୍ୱାସ୍ଥ୍ୟ ସେବାରେ ସତ୍ତା, ସେବା ଓ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦଳଗତ ଭାବେ ଉତ୍ସର୍ଗୀକୃତ ହୋଇ ସ୍ୱାସ୍ଥ୍ୟ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ୟୁନିଟ୍ ମୁଖ୍ୟ ଡା. ଇ ଉମାପତି ନାଇଡୁ, ମୁଖ୍ୟ ଆର୍ଥିକ ଅଧିକାରୀ ଜିତେଶ ଅଗ୍ରୱାଲ ତଥା ଡାକ୍ତର, ବିଭାଗୀୟ ମୁଖ୍ୟ, ନର୍ସ, କର୍ମଚାରୀମାନେ ଉପସ୍ଥିତ ଥିଲେ।



### ସିଆର୍‌ପିଏଫ୍‌ର ଗ୍ରୁପ ସେଣ୍ଟର

ସମ୍ବଲପୁର : ଗୋଶାଳାସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ (ସିଆର୍‌ପିଏଫ୍) ଗ୍ରୁପ୍ ସେଣ୍ଟର ସମ୍ବଲପୁରରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ସମ୍ବଲପୁରର ଗ୍ରୁପ ସେଣ୍ଟରର ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂହଙ୍କ ଆଗମନ ପରେ, ଅଧିକାରୀ ଏବଂ ଜବାନମାନେ ସାମୂହିକ ଭାବରେ "ବନ୍ଦେ ମାତରମ୍' ଗୀତ ଗାନ କରିଥିଲେ। ବାହିନୀର ପାରମ୍ପରିକ ଅଭିବାଦନ ପରେ, ଡେପୁଟି ଇନ୍ସପେକ୍ଟର ଜେନେରାଲ କ୍ୱାର୍ଟର ଗାର୍ଡରେ ଆନୁଷ୍ଠାନିକ ଗାର୍ଡ ପରିଚାଳନା କରିଥିଲେ। ତା'ପରେ ସେ ଜାତୀୟ ସଙ୍ଗୀତ ସହିତ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ, ଆଞ୍ଚଳିକ କାୱା ସମ୍ବଲପୁରର ଅଧ୍ୟକ୍ଷା ପୁନମ ସିଂହ ମଧ୍ୟ ମହିଳା ସଦସ୍ୟମାନଙ୍କ ସହିତ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଏବଂ ସମ୍ବଲପୁରର ପରିବାର କଲ୍ୟାଣ କେନ୍ଦ୍ରରେ ପତାକା ଉତ୍ତୋଳନ କରିଥିଲେ।

### ଇଣ୍ଟରଆକ୍ଟ କ୍ଲବ୍

ସମ୍ବଲପୁର : ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଇଣ୍ଟରଆକ୍ଟ କ୍ଲବ୍ ପକ୍ଷରୁ 'ରୁକ୍ମିଣୀ ଲାଠ ଅନାଥାଶ୍ରମ' ପରିଦର୍ଶନ କରାଯାଇ ଦେଶପ୍ରେମ ଓ ସେବା ମନୋଭାବ ପ୍ରଦର୍ଶନ କରାଯାଇଛି। ଏହି ଅଭିଯାନର ଏକ ଅଂଶ ସ୍ୱରୂପ, ଛାତ୍ରଛାତ୍ରୀମାନେ ଅନାଥାଶ୍ରମର ପିଲାମାନଙ୍କୁ ଚିକିତ୍ସା ଏବଂ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିଥିଲେ। ପିଲାମାନଙ୍କର ସାମଗ୍ରିକ କଲ୍ୟାଣ ପାଇଁ ଦାନ କରାଯାଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା; ଦୁଇଟି ନେବୁଲାଇଜର ମେସିନ୍, ଗୋଟିଏ ରକ୍ତଚାପ ମାପିବା ଯନ୍ତ୍ର, ଉଚ୍ଚତା ଏବଂ ଓଜନ ମାପିବା ଉପକରଣ, ପାଠପଢ଼ା ସାମଗ୍ରୀ, ପୋଷାକ ଏବଂ ଖାଦ୍ୟ ପଦାର୍ଥ। ଏହି ପରିଦର୍ଶନ ଯୁବ ଇଣ୍ଟରଆକ୍ଟରମାନଙ୍କ ପାଇଁ ଏକ ଅତ୍ୟନ୍ତ ସମୃଦ୍ଧ ଅନୁଭୂତି ଥିଲା। କେବଳ ବସ୍ତୁଗତ ସାହାଯ୍ୟ ନୁହେଁ, ବରଂ ଛାତ୍ରଛାତ୍ରୀମାନେ ସେଠାକାର ପିଲାମାନଙ୍କ ସହ ସମୟ ବିତାଇଥିଲେ, ସେମାନଙ୍କ ଆବଶ୍ୟକତାକୁ ବୁଝିଥିଲେ ଏବଂ ଖୁସି ବାଣ୍ଟିଥିଲେ। ଏହି ପଦକ୍ଷେପ ସେମାନଙ୍କୁ ଅନୁଭବ କରାଇଥିଲା ଯେ ପ୍ରକୃତ ନେତୃତ୍ୱ ସେବା, ସହାନୁଭୂତି ଏବଂ ସାମୂହିକ ଦାୟିତ୍ୱବୋଧ ମଧ୍ୟରେ ହିଁ ନିହିତ।

### ରେଢ଼ାଖୋଲ ପ୍ରେସ୍ କ୍ଲବ

ରେଢ଼ାଖୋଲ: ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରେସ୍ କ୍ଲବ ଠାରେ ସଂଘର ସଭାପତି ଶଙ୍କର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ବରିଷ୍ଠ ଉପଦେଷ୍ଟା ଜୟନ୍ତ ଖଡିରତ୍ନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସଂଘର ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ସହ ସମ୍ପାଦକ କନ୍ଦର୍ପ ବେହେରା, ଉପଦେଷ୍ଟା ରବୀନ୍ଦ୍ର ପ୍ରଧାନ, ସରୋଜ ରାଉତ, ରଶ୍ମୀତା ରାଉତ, ମଦନ ବେହେରା, ବିଦ୍ୟାଧର ମାଝୀ ପ୍ରମୁଖ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ଜାତୀୟ ଗଣପର୍ବ ପାଳନ କରିଥିଲେ।

## ୨୧,୦୦୦ କୋଟି ଟଙ୍କାରେ ସ୍ମେଲ୍‌ଟର ସମ୍ପ୍ରସାରଣ ଘୋଷଣା କଲା ହିଣ୍ଡାଲ୍‌କୋ

ସମ୍ବଲପୁର, ୨୭।୧ (ସମିସ) : ଓଡ଼ିଶା ସହିତ ଏହାର ଗଭୀର ଏବଂ ସ୍ଥାୟୀ ଅଂଶୀଦାର ବ୍ୟବସ୍ଥାକୁ ପୁନଃସୁଦୃଢ଼ କରି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଧାତୁ କ୍ଷେତ୍ରରେ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ରାଜ୍ୟରେ ଏହାର ଆଲୁମିନିୟମ ବ୍ୟବସାୟ ପରିଚାଳନାରେ ଏକ ବଡ଼ଧରଣର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି, ଯେଉଁଥିରେ ସ୍ଥାନୀୟ ନିଯୁକ୍ତି, ଗୋଷ୍ଠୀ ବିକାଶ ଏବଂ ମୂଲ୍ୟଯୁକ୍ତ ବିନିର୍ମାଣ ଉପରେ ମଜଭୁତ ଦୃଷ୍ଟିନିବଦ୍ଧ କରାଯାଇଛି। କମ୍ପାନୀ ୨୧,୦୦୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୩.୬ ଲକ୍ଷ ଟନ୍ କ୍ଷମତାର ସ୍ମେଲ୍‌ଟର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିବା ସହିତ ୪୫୦୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୧.୭ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଫ୍ଲାଟ୍ ରୋଲ୍‌ଡ ପ୍ରଡକ୍ଟସ୍ (ଏଫଆରପି) ଏବଂ ବ୍ୟାଟେରୀ-ଗ୍ରେଡ୍ ଆଲୁମିନିୟମ ଫଏଲ ଉତ୍ପାଦନ କାରଖାନାକୁ କାର୍ଯ୍ୟକ୍ଷମ କରିଛି। ଏହି ପ୍ରକଳ୍ପଗୁଡ଼ିକ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଦ୍ୱାରା ସମ୍ବଲପୁରସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସୁଦର୍ଶନ ହରିପାଲ, ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ହିଣ୍ଡାଲକୋ ଏମଡି ସତୀଶ ପାଇ ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆକରି କାର୍ଯ୍ୟକ୍ଷମ ହୋଇଥିବା ଏଫଆରପି ଏବଂ ବ୍ୟାଟେରୀ-ଗ୍ରେଡ ଆଲୁମିନିୟମ ଫଏଲ୍ କାରଖାନା ଭାରତର ଏହି ଧରଣର ପ୍ରଥମ ହୋଇଛି ଏବଂ ଏହା ଲିଥିୟମ-ଆୟନ ବ୍ୟାଟେରୀଗୁଡ଼ିକ ପାଇଁ କଞ୍ଚାମାଲ ସ୍ୱଦେଶୀକରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯାହା ୧୦୦ ଜିଡବ୍ଲ୍ୟୁଏଚ୍ ପର୍ଯ୍ୟନ୍ତ ସେଲ୍ ଉତ୍ପାଦନ କ୍ଷମତାକୁ ସମର୍ଥନ କରିବ। ଏହି ପ୍ରକଳ୍ପଗୁଡ଼ିକ ହିଣ୍ଡାଲ୍‌କୋର ପ୍ରଶସ୍ତ ଅଭିବୃଦ୍ଧି ମୂଳଧନ ବ୍ୟୟ କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଛି ଏବଂ ଓଡ଼ିଶା ନିମନ୍ତେ ସମସ୍ତ ଅପଷ୍ଟ୍ରିମ୍ ଓ ଡାଉନଷ୍ଟ୍ରିମ୍ ଆଲୁମିନିୟମ ବ୍ୟବସାୟ ପରିଚାଳନା କ୍ଷେତ୍ରରେ ପ୍ରାୟ ୩୭,୦୦୦ କୋଟି ଟଙ୍କା ବିନିଯୋଗ ଯୋଜନା ରହିଛି। ସମଗ୍ର ଭାରତରେ କମ୍ପାନୀର ମୋଟ ଅଭିବୃଦ୍ଧି କାପେକ୍ସ ୫୫,୦୦୦ କୋଟି ଟଙ୍କା ମଧ୍ୟରୁ ଓଡ଼ିଶାରେ ନିବେଶ ଏକ ଉଲ୍ଲେଖନୀୟ ଅଂଶ ହୋଇଛି।




ଏହି ଅବସରରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ୍ ବିର୍ଲା କହିଛନ୍ତି ଆମ ଶିଳ୍ପ ଯାତ୍ରାରେ ଓଡ଼ିଶା ଅବିଚ୍ଛେଦ୍ୟ ହୋଇ ରହିଆସିଛି। ହିଣ୍ଡାଲ୍‌କୋ ଜରିଆରେ ଆମେ ପରିମାଣ, ମୂଲ୍ୟଯୁକ୍ତ କରିବା ଏବଂ ଦୀର୍ଘସ୍ଥାୟିତାର ସମ୍ମିଶ୍ରଣ କରୁଥିବା ଏକ ମଜଭୁତ ଆଲୁମିନିୟମ ପରିବ୍ୟବସ୍ଥା ନିର୍ମାଣ କରୁଛୁ ଏବଂ ରାଜ୍ୟ ପାଇଁ ଦୀର୍ଘସୂତ୍ରୀ ଅର୍ଥନୈତିକ ଓ ସାମାଜିକ ମୂଲ୍ୟ ସୃଷ୍ଟି କରୁଛୁ। ସତୀଶ ପାଇ, ମ୍ୟାନେଜିଂ ଡାଇରେକ୍ଟର, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଥିଲେ, ସମ୍ବଲପୁରରେ ଏଫଆରପି ସମ୍ପ୍ରସାରଣ ଏବଂ ସ୍ମେଲଟର ଅଭିବୃଦ୍ଧି ପ୍ରାଥମିକ ଧାତୁରୁ ନେଇ ବ୍ୟାଟେରୀ ପଦାର୍ଥ ଭଳି ଉନ୍ନତ ପ୍ରୟୋଗ ପର୍ଯ୍ୟନ୍ତ ସମୁଦାୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଓଡ଼ିଶାର ଭୂମିକାକୁ ଗଭୀର କରୁଛି। ଏହି ସମନ୍ୱିତ ପରିବ୍ୟବସ୍ଥା ରାଜ୍ୟ ଭିତରେ ମୂଲ୍ୟ ଯୁକ୍ତ କରିବା, ନିଯୁକ୍ତି ଏବଂ ଶିଳ୍ପଗତ ଗଭୀରତାକୁ ଆଗେଇ ନେଉଛି।

## ୯୨ ୟୁନିଟ୍ ରକ୍ତ ସଂଗ୍ରହ



ସମ୍ବଲପୁର, ୨୭।୧ (ସମିସ) : ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅବସରରେ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଉତ୍ସର୍ଗ, କୋଶଲ ବ୍ୟବସାୟୀ ସଂଘ, ଅନାମିକା କ୍ଲବ, ସଣ୍ଡେ ଗ୍ରୁପ, ବସୁନ୍ଧରା କମ୍ୟୁନିଟି ସେଣ୍ଟର ଓ ଭୀମଭୋଇ ସାହିତ୍ୟ ସଂସଦ ମିଳିତ ଭାବରେ ଆୟୋଜନ କରିଥିଲେ। ବୁର୍ଲା ଓ ସମ୍ବଲପୁର ରକ୍ତ ଭଣ୍ଡାର ଅଧିକାରୀମାନେ ଶିବିର ପରିଚାଳନା କରିଥିଲେ। ଶିବିରରେ ବୁର୍ଲା ରକ୍ତ ଭଣ୍ଡାର ୫୧ ଓ ସମ୍ବଲପୁର ରକ୍ତ ଭଣ୍ଡାର ୪୧ ଏହିପରି ସର୍ବମୋଟ ୯୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସବୁଥର ପରି ଶିବିରରେ ମହିଳା ଓ ପ୍ରଥମକରି ରକ୍ତଦାନ କରୁଥିବା ରକ୍ତଦାତାଙ୍କ ଉପସ୍ଥିତି ଉତ୍ସାହଜନକ ଥିଲା। ଶିବିରକୁ ଡାକ୍ତର ସୌରଭ ତିୱାରୀ, ଡା. କଲ୍ଲେଶ କକ୍କଡ଼ଙ୍କ ସହ କର୍ମଚାରୀ ସନ୍ତୋଷ ଗୌଡ଼, ଦୀପିକା ଭୋଇ, ସିଦ୍ଧାର୍ଥ ଦାଶ, ଆଶିଷ ବିଶ୍ୱାଳ, ସୁନୀଲ ସେଠ, ମଣ୍ଟୁ ପ୍ରଧାନ, ପଦ୍ମିନୀ ଶତପଥୀ, ସୂର୍ଯ୍ୟ ବେହେରା ଓ ସୁଶାନ୍ତ କୁମ୍ଭାର ପରିଚାଳନା କରିଥିଲେ।

ସମ୍ବଲପୁର ପୁସ୍ତକମେଳାର ଚତୁର୍ଥ ଦିବସ

## ବିଭିନ୍ନ ଦିଗରୁ ବିକଶିତ ହେଲାଣି ସମ୍ବଲପୁରୀ ସାହିତ୍ୟ

ସମ୍ବଲପୁର, ୨୭।୧ (ସମିସ) :

ସମ୍ବଲପୁରୀ ଭାଷାରେ ବିଭିନ୍ନ ବର୍ଗରେ ସାହିତ୍ୟ ସୃଜନ ଜାରି ରହିଛି। ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା ଆଦି ସମସ୍ତ କ୍ଷେତ୍ରକୁ ପ୍ରସାରିତ ହେଲାଣି ସମ୍ବଲପୁରୀ ସାହିତ୍ୟ। ସମ୍ବଲପୁରୀ ସାହିତ୍ୟର ଏକ ମର୍ଯ୍ୟାଦାବନ୍ତ ଅସ୍ତିତ୍ୱ ରହିଛି। ୮ମ ଶତାବ୍ଦୀର ଚର୍ଯ୍ୟାଗୀତିକାରେ ବହୁ ସମ୍ବଲପୁରୀ ଶବ୍ଦ ରହିଛି। ଲୌକିକତା ଓ ପର୍ଯ୍ୟବେକ୍ଷଣର କୌଶଳ ହିଁ ସମ୍ବଲପୁରୀ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ବାଲାଜୀ ମେହେର, କପିଳ ମହାପାତ୍ର ଆଦି ସ୍ରଷ୍ଟାଙ୍କୁ ପ୍ରଥମ ପର୍ଯ୍ୟାୟର କବି ଭାବରେ ଅଭିହିତ କରିଥିବାବେଳେ ଆଲୋଚକ ଉତ୍ପନ୍ନ ଭୋଇ ସତ୍ୟନାରାୟଣ ବହିଦାର, ଖଗେଶ୍ୱର ସେଠ ଆଦି କବିଙ୍କୁ ଦ୍ୱିତୀୟ ପର୍ଯ୍ୟାୟର କବି ଭାବରେ ବିବେଚନା କରି ଭାବ ଓ ଜନବାଦୀ ଧାରା ଏହି କାଳର ସାହିତ୍ୟଧାରାର ମୁଖ୍ୟ ପ୍ରସଙ୍ଗ ବୋଲି କହିଥିଲେ। ଆଜି ଅପରାହ୍ଣ ୪ଟାରୁ ପୁସ୍ତକମେଳାରେ ଆରମ୍ଭ ହୋଇଥିଲା ସାରସ୍ୱତ କାର୍ଯ୍ୟକ୍ରମ। "ସେତୁ' ପ୍ରାୟୋଜିତ କାର୍ଯ୍ୟକ୍ରମରେ ଆଜି ଆଲୋଚନାର ବିଷୟ ଥିଲା - "ସମ୍ବଲପୁରୀ ସାହିତ୍ୟର ବିକାଶ ଧାରା'। "ସେତୁ' ଉପସଭାପତି ଡ. କାମଦେବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମ୍ବଲପୁରୀ ସାହିତ୍ୟିକ ଉତ୍ପନ୍ନ ଭୋଇ ଓ ଅବସରପ୍ରାପ୍ତ ପ୍ରଫେସର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଆଲୋଚକ ଶ୍ରୀ ପାଣିଗ୍ରାହୀ କହିଲେ ଯେ, ଭଲ ସାହିତ୍ୟ ମାଧ୍ୟମରେ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିହୁଏ। ସମ୍ବଲପୁରୀ ସାହିତ୍ୟର କାବ୍ୟ, ନାଟକ, ପ୍ରବନ୍ଧ, ସମାଲୋଚନା, ଅନୁବାଦ ଆଦି ବିଭିନ୍ନ ବିଭାଗରେ ସୃଜନ ଜାରି ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। "ସେତୁ' ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଡକ୍ଟର ସ୍ୱୟଂପ୍ରକାଶ ପଣ୍ଡା ସଂଯୋଜନା କରିଥିଲେ।

ଆଜି "ଲେଖକଙ୍କୁ ସାକ୍ଷାତକାର' କାର୍ଯ୍ୟକ୍ରମରେ ବିଶିଷ୍ଟ କବି ତଥା ସାହିତ୍ୟିକ ସୌଭାଗ୍ୟବନ୍ତ ମହାରଣା ଯୋଗ ଦେଇଥିଲେ। ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ ଡକ୍ଟର ସିଦ୍ଧାର୍ଥ ପଣ୍ଡା। ସାହିତ୍ୟ ଓ ସୃଜନକୁ ନେଇ ଶ୍ରୀ ମହାରଣା କହିଲେ ଯେ, ସାହିତ୍ୟ ଓ ସୃଜନ ପରସ୍ପର ପରିପୂରକ। ସାହିତ୍ୟିକ ସୃଜନ କାର୍ଯ୍ୟରେ ଯେତେବେଳେ ଲେଖକ ବା କବି ଲିପ୍ତ ରହେ, ସେ ଭାବବିଭୋର ହୋଇ ନିଜକୁ ଭୁଲିଯାଏ। କେତେବେଳେ ଏକ ସୁନ୍ଦର କବିତା ବା ଗଳ୍ପ ସୃଷ୍ଟି ହେବ ସେ ଜାଣିପାରେନାହିଁ। ନବପ୍ରସ୍ତର କବି ବା ନବାଗତ ଲେଖକମାନଙ୍କୁ କବିତା ଓ ସାହିତ୍ୟ ସହ ସଂଶ୍ଳିଷ୍ଟ ହେଲାପରେ ସର୍ଜନା ଆରମ୍ଭ କଲେ ତାହା ଉତ୍ତୀର୍ଣ୍ଣ ସୃଷ୍ଟି ହେବ ବୋଲି ଶ୍ରୀ ମହାରଣା ପରାମର୍ଶ ଦେଇଛନ୍ତି।

ଆଜି ପୁସ୍ତକମେଳାର ଚତୁର୍ଥ ଦିବସରେ ସୀମନ୍ତିକା ଦାସଙ୍କ "ଆଓ ଶୁନେ କାହାନୀ'ରୁ ଆରମ୍ଭ ହୋଇଥିଲା ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମ। ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ବିଜ୍ଞାନର ମଜା ବା "ଫନ୍ ୱିଥ୍ ସାଇନ୍ସ'। ପିଲାମାନେ ଏଥିରେ ଆଗ୍ରହର ସହ ଅଂଶଗ୍ରହଣ କରିଥିଲେ। ଆଜିର ଶେଷ ଶିଶୁ-କାର୍ଯ୍ୟକ୍ରମ ଥିଲା ସମ୍ବଲପୁରୀ ନୃତ୍ୟ ଶିକ୍ଷା। "ବାଲ ନୃତ୍ୟ : ଆଇଏ ସମ୍ବଲପୁରୀ ନୃତ୍ୟ ଶିଖେଁରେ ସୀମନ୍ତିକା ଦାସ ପିଲାମାନଙ୍କୁ ଅଙ୍ଗଭଙ୍ଗୀ କରି ସମ୍ବଲପୁରୀ ନୃତ୍ୟ ଶିଖାଇଥିଲେ। ସ୍ଥାନୀୟ ବିଦ୍ୟାଳୟର ତିନି ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗାୟକ ବିଷ୍ଣୁମୋହନ କବି ସଙ୍ଗୀତ ପରିବେଷଣ କରିଥିଲେ।












ଉପଖଣ୍ଡସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ

# ବିବିଧତା ମଧ୍ୟରେ ଏକତା ଦେଶର ସର୍ବୋଚ୍ଚ ପରିଚୟ

ରେଢ଼ାଖୋଲ, ୨୭ । ୧(ସମିସ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଆଇନଜୀବୀ, ସାଧାରଣ ଜନତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଏହି ଗଣତାନ୍ତ୍ରିକ ଉତ୍ସବରେ ସମ୍ବିଧାନ ହେଉଛି ଯେ କୌଣସି ଦେଶ ପାଇଁ ସର୍ବୋଚ୍ଚ ଆଇନ ବିବିଧତା ମଧ୍ୟରେ ଏକତା ହେଉଛି ଦେଶର ସର୍ବୋଚ୍ଚ ପରିଚୟ, ଅନେକ ଜାତି, ଭାଷା, ଧର୍ମ, ବିଶ୍ୱାସ, ସଂସ୍କୃତି ଓ ପରମ୍ପରା ଦେଶକୁ ମହାନ ଓ ସମୃଦ୍ଧ କରିଛି ବୋଲି ଉପଜିଲ୍ଲାପାଳ ଶ୍ରୀ ମହନ୍ତ ଅଭିଭାଷଣ କରିଥିଲେ। ମୁଖ୍ୟ ଅତିଥି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଉପଖଣ୍ଡ ସ୍ତରରେ ଶ୍ରେଷ୍ଠ ପରେଡ ପ୍ରଦର୍ଶନ କରି ମହାବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଏବଂ ବିଦ୍ୟାଳୟ ସ୍ତରରେ ପରେଡ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ପରେଡ କମାଣ୍ଡର ଭାବେ ବିଶ୍ୱମ୍ବର ବହିଦାର ଏବଂ ଦ୍ୱିତୀୟ କମାଣ୍ଡର ଭାବେ ଦେବବ୍ରତ ପ୍ରଧାନ ପରେଡ ପରିଚାଳନା କରିଥିଲେ। ରୟାଲ କ୍ଲବ୍ ରେଢ଼ାଖୋଲ ତରଫରୁ ଦୁଇ ପରେଡ କମାଣ୍ଡରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବର ସମସ୍ତ କାର୍ଯ୍ୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ ରାଜେଶ ସାହୁ, ଲୋକ ସମ୍ପର୍କ ସୂଚନା ବିଭାଗ କର୍ମଚାରୀ ଚନ୍ଦ୍ରମା ମରାଇ, ଭାସ୍କର ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



**କୁଚିଣ୍ଡା:** କୁଚିଣ୍ଡାସ୍ଥିତ କଲେଜ ପଡ଼ିଆରେ କୁଚିଣ୍ଡା ପ୍ରଶାସନ ପକ୍ଷରୁ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ସବଡିଭିଜନାଲ ମାଜିଷ୍ଟ୍ରେଟ ତଥା କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ ସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏସଡ଼ିପିଓ ପ୍ରଦୀପ ଦାଶ, ତହସିଲଦାର ସରିତା ଓରାମ, ବିଡିଓ ଜୟନ୍ତ ସାହୁ, ଡେପୁଟିକଲେକ୍ଟର ଲୋଚନଶବର, ରମେଶ ସାହୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ, କୁଚିଣ୍ଡା ଥାନା ଅଧିକାରୀ ହାଡୁ ବେହେରା, ଜେଲ ଅଧିକାରୀ ପାତ୍ର ବାବୁ, ଅଗ୍ନିଶମ ଅଧିକାରୀ ଜୀବନ ପ୍ରତାପ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଚିଣ୍ଡା ଅରବିନ୍ଦ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, କୁଚିଣ୍ଡା ଡାକ୍ତରଖାନାରେ ଡାକ୍ତରଖାନା ପରିଚାଳକ ଡ. ସୁବୋଧ କୁମାର ନାୟକ, କୁଚିଣ୍ଡା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗଗନ କୁମାର ପଣ୍ଡା, ଏନ୍‌ଏସିରେ ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। କଲେଜ ପଡ଼ିଆରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପରେଡରେ ୨୧ ଟି, ବିଭିନ୍ନ ମହାବିଦ୍ୟାଳୟ ସ୍କୁଲରର ଛାତ୍ରଛାତ୍ରୀମାନେ ଚିତାକର୍ଷକ ପରେଡ୍ ପ୍ରଦର୍ଶନ କରିଥିଲେ। ଉଦ୍‌ଘୋଷିକା ଅଧ୍ୟାପିକା ବେଲମତି କୁମୁରା ଓ ଅଧ୍ୟାପକ ଉଦ୍‌ଘୋଷକ ରୋଶନ କୁଲ୍ଲୁ ଧାରାବିବିରଣୀ ପ୍ରଦାନ କରିଥିଲେ।



## ରକ୍ତଦାନ ଶିବିର, ୩୬ ୟୁନିଟ୍ ସଂଗ୍ରହ

କୁଚିଣ୍ଡା, ୨୭ । ୧(ସମିସ): କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ବି. ଜମନକିରା ସ୍ଥିତ ଗଡସ୍ ପାୱାର ଆଣ୍ଡ ବ୍ଲେଶିଂସ୍ ମିନିଷ୍ଟ୍ରି ଅନୁଷ୍ଠାନ ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏହି ଶିବିରକୁ କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ ଉଦ୍‌ଘାଟନ କରିଥିଲେ। ଶିବିରପରିଚାଳନାରେଅନୁଷ୍ଠାନରସଭାପତିପ୍ରମୋଦରୋହିଦାସଅଧ୍ୟକ୍ଷତାଓଉପଦେଷ୍ଟା ବିମଳମେହେରଙ୍କସଂଯୋଜନାରେଉପଜିଲ୍ଲାପାଳଶ୍ରୀସ, ଶିକ୍ଷାବିତଶ୍ରୀନାୟକଙ୍କସମେତ ଏସଡିଏମଓ ଡ଼. ସୁବୋଧ ନାଏକ, ବକ୍ସମା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ନବୀନ ମାଝୀ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର, ନାଏବ ସରପଞ୍ଚ ଉଷା ବାହାଲା, ଆଇନଜୀବୀ ଶାନ୍ତନୁ କାଲୋ, ରମେଶ ଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ସ୍ମରଣିକା 'ସୋର୍ ସୁର୍‌ତା' ଉନ୍ମୋଚିତ



ସମ୍ବଲପୁର, ୨୭।୧ (ସମିସ) : ଗଣତନ୍ତ୍ରଦିବସଅବସରରେକଲମପରିବାରଟ୍ରଷ୍ଟ ପକ୍ଷରୁ ସମ୍ବଲପୁରୀବହିହାଟ୍‌୨୦୨୫ରସ୍ମରଣିକା"ସୋର୍‌ସୁର୍‌ତା"ଉନ୍ମୋଚିତହୋଇଯାଇଛି। ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଆୟୋଜିତ ସଭା ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ସଭାପତି ସୁଭାଷ ପାଣିଗ୍ରାହୀ ଯୋଗଦେଇ ନିଷ୍ଠାର ସହ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତୃତୀୟ ସମ୍ବଲପୁରୀ ବହି ହାଟ୍ ସ୍ମରଣିକା 'ସୋର୍ ସୁର୍‌ତା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଳ୍ପଦିନ ମଧ୍ୟରେ କଲମ ପ୍ରକାଶନୀ ପକ୍ଷରୁ ପ୍ରଥମ ପୁସ୍ତକ ପ୍ରକାଶ ପାଇବ ବୋଲି ସଭାପତି ଶ୍ରୀ ହୁସେନ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଜୟକୃଷ୍ଣ ବେହେରା, ସହସମ୍ପାଦକ ଡ. ସତ୍ୟନାରାୟଣ ଠାକୁର, ପରାମର୍ଶଦାତା ଡ ପ୍ରିୟବ୍ରତ ପଣ୍ଡା, ସୁହଂସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ ଠାକୁରଙ୍କ ସଂଯୋଜନାରେ ଦେଶାତ୍ମବୋଧକ ଗୀତ ଓ କବିତା ଆସର ଅନୁଷ୍ଠିତ ହୋଇଥିଲା।

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ହସ୍ତତନ୍ତ କର୍ମଶାଳା



ସମ୍ବଲପୁର, ୨୭।୧ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗରେ "ହସ୍ତତନ୍ତ ବୁଣା ପଦ୍ଧତି' ସମ୍ପର୍କିତ ହସ୍ତତନ୍ତ କର୍ମଶାଳା ଅନୁଷ୍ଠିତ ହୋଇଛି। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଷ୍ଟର ବୁଣାକାର ସୁକାନ୍ତୀ ମେହେର, ଶିକ୍ଷକ ନେତ୍ରମଣି ମେହେର ଓ ମହେନ୍ଦ୍ର ମେହେର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ହସ୍ତତନ୍ତ ବୁଣାକାମର ବିଭିନ୍ନ ପ୍ରାୟୋଗିକ ପ୍ରକ୍ରିୟା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ଉମାଚରଣ ପତି ଉଦ୍‌ଘାଟନ କରିଥିଲେ। ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଛାତ୍ରଛାତ୍ରୀମାନଙ୍କୁ ହସ୍ତତନ୍ତ ସମ୍ପର୍କିତ ବିଭିନ୍ନ ପଦ୍ଧତି ଉପରେ ପ୍ରେରଣା ଦେଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ଜ୍ଞାନରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପିକା ସରୋଜା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଡେଶିରା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବରଗଡ,୨୭।୧ (ସମିସ): ବରଗଡ଼ ସଦର ବ୍ଲକ୍ ଅନ୍ତର୍ଗତ ଗୁଡେଶିରା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ କବି ହଳଧର ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ବରଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ଶିଳ୍ପପତି ଶ୍ରବଣ ଲାଠ, ଗୁଡେଶିରା ସରପଞ୍ଚ କୁନ୍ତଳା ପାଣ୍ଡେ, ସମିତି ସଭ୍ୟ ସାନନ୍ଦ ବାଗ ସମେତ ବିଦ୍ୟାଳୟର ଚେୟାରମ୍ୟାନ ଡୋଳାମଣି ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ଅମ୍ବାଭୋନା,୨୭।୧(ସମିସ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ସ୍ଥିତ ପିଏମ୍‌ଶ୍ରୀ କେଦାରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ନବ କିଶଳୟ' ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ରରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ



ସିଂହ, ସ୍ୱତନ୍ତ୍ର ଅତିଥି ଭାବେ ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ ଓ ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ଦାସ, ଯୋଗେଶ୍ୱର ରଥ, ସ୍କୁଲ ପରିଚାଳନା କମିଟିର ସଭାପତି ଜୀବର୍ଦ୍ଧନ ଦୁଆନ, ଗଂଗେଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକରୋହିତ ଭୋଇ ମଞ୍ଚାସୀନ ଥିଲେ। ସ୍ୱାଗତଭାଷଣଓଉଦ୍ଦେଶ୍ୟଜ୍ଞାପନପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ରରଥ କରିଥିବା ବେଳେ ବାର୍ଷିକ ବିବରଣୀ ପଠନ ବିଶ୍ୱନାଥ ସାହୁ କରିଥିଲେ। ଅମ୍ବାଭୋନା ବ୍ଲକ୍ ସାମ୍ବାଦିକ ସଂଘର ସଦସ୍ୟ ତଥା ଗଣମାଧ୍ୟମ ପ୍ରତିନିଧି ଉମେଶ ସେଠ, ଅଜୟ ସାହୁ, ରଞ୍ଜିତ ଦାଶ, ପ୍ରକାଶରଥ ଓ ଚନ୍ଦ୍ରମଣୀ ବେହେରାଙ୍କୁ ଉପଢ଼ୌକନ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଗତ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ପାଇଥିବା ଛାତ୍ର ଆଲୋକ ସାହୁ, ନୃତ୍ୟ ଶିଳ୍ପୀ ସୁରଜ ବେହେରା, ଶୈଳବାଳା ଅଣ୍ଟି ଓ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ ସଭାର ସଂଯୋଜନା ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ରଥ କରିଥିବା ବେଳେ ମଞ୍ଚ ପରିଚାଳନା ଶିକ୍ଷକ ମନୋହର ସାହୁ କରିଥିଲେ। ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ରରଥଙ୍କ ନେତୃତ୍ୱରେ ବିଶ୍ୱନାଥ ସାହୁ, ଉପମା ପଧାନ, ସପ୍ନା ସାହୁ, ଶୁଭାଶିସ ଜଗତ, ଝରଣା ଦାସ, ଦୀନବନ୍ଧୁ ପଣ୍ଡା, ଶିଳା ଭୋଇ, କୋଶଲ୍ୟା ସାହୁ, ଚିନ୍ମୟ ସାହୁ, ଶିବ ଦାସ, ସରସ୍ୱତୀ ଭୋଇ, ଅଚ୍ୟୁତ ନାୟକ, ଜିତେନ୍ଦ୍ର ନାୟକ, ତେଜରାମ ସାହୁ, ପିଙ୍କି ଭୋଇ, ଗୌରୀ ସେଠ, ମଧୁସୂଦନ ବାରିକ, ନେପାଳ ସେଠ ଓ ଆରତି ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକ୍‌ର ଭୁକ୍ତା ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଅବସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇ ଉତ୍ସବର ଉଦ୍‌ଘାଟନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଧ୍ରୁବଚରଣ ସାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବରଗଡ଼ ପଞ୍ଚାୟତ କଲେଜର ପୂର୍ବତନ ଅଧ୍ୟକ୍ଷ ପତିତପାବନ ସାହୁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରଗଡ଼ ପଞ୍ଚାୟତ କଲେଜର ଇଂରାଜୀ ବିଭାଗର ସହ ପ୍ରାଧ୍ୟାପକ ଡଃ ଉମେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ବାର୍ଷିକ ବିବରଣୀ ବିଦ୍ୟାଳୟର ସାଂସ୍କୃତିକ ବିଭାଗର ଉପସଭାପତି ଅଧ୍ୟାପକ ଜଗଦୀଶ ନାଏକ ଉପସ୍ଥାପନ କରିଥିବା ବେଳେ ସଭା ପରିଚାଳନା ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଶାନ୍ତ ସାହୁ କରିଥିଲେ। ଅମ୍ବାଭୋନା ବ୍ଲକ୍‌ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସ୍ୱର୍ଗତ ଫକୀର ମୋହନ ପଟେଲଙ୍କ ସ୍ମୃତିରେ ତାଙ୍କ ପୁତ୍ର ସମାଜସେବୀ ଶିବାଜୀ ପଟେଲ ପ୍ରତିବର୍ଷ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ। ଏହି ବର୍ଷପାଇଁଶିବାଜୀପଟେଲଓତାଙ୍କବଡବାପା ଅମୃତ ଲାଲ ପଟେଲଙ୍କ ଦ୍ୱାରା ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଧନେଶ୍ୱର ସାହୁଙ୍କୁ ସ୍ୱର୍ଗତ ଫକୀର ମୋହନ ପଟେଲ ସ୍ମୃତି ସମ୍ମାନରେ ପୁରସ୍କୃତ କରାଯାଇଥିଲା। ସେହିପରି ରୀତା ସାହୁଙ୍କ ଦ୍ୱାରା ପ୍ରଥମ ବର୍ଷ କଳା ଛାତ୍ର ନବୀନ ପଟେଲଙ୍କୁ ସ୍ୱର୍ଗତ ଡାକ୍ତର ଶରତ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବର୍ଷ କଳା ଛାତ୍ରୀ ନିହାରିକା ନାଏକଙ୍କୁ ଗୁରୋଲାଲ ମେମୋରିଆଲ ପୁରସ୍କାର ଏବଂ ୨୦୨୪-୨୫ ବର୍ଷ ପାଇଁ ଶ୍ରେଷ୍ଠ ବିଜ୍ଞାନ ଛାତ୍ର ଆର୍ଯ୍ୟନ ନାଏକ ଓ ଶ୍ରେଷ୍ଠ କଳା ଛାତ୍ରୀ ସ୍ନେହା ନାଏକଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ସୁଜାତା ସା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପରିଶେଷରେ ସାଂସ୍କୃତିକ ଉପସଭାପତି ଜୟନ୍ତ ବାରିକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଫକୀର ପଟେଲ, ସୁରଜ ପଟେଲ, କିଶନ ଅଗ୍ରୱାଲ, ଦମୟନ୍ତି ହୋତା, ଚିନ୍ମୟ ପଧାନ, ଲିପିକା ପଧାନ, ଅନୁପମା ପଧାନ, ତାରାକାନ୍ତି ସାହୁ ଓ ସୁଧା ବେହେରା ସହଯୋଗ କରିଥିଲେ।

**ମେଲଛାମୁଣ୍ଡା:** ଘେଁସ ସ୍ଥିତ ବ୍ରିଲିଆନ୍ସ ପଏଣ୍ଟର ବାର୍ଷିକ ଉତ୍ସବ ସମାରୋହରେ ପାଳନ ହୋଇଯାଇଛି। ବ୍ରିଲିଆନ୍ସ ପଏଣ୍ଟର ଅଧ୍ୟକ୍ଷ ମାନସ ସିଂ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ




ମେଲଛାମୁଣ୍ଡା ପୁଲିସ ଥାନାଧିକାରୀ ମନୋହର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, ନିମନ୍ତ୍ରିତ ଅତିଥି ଭାବେ ସାମାଜିକ କର୍ମୀ ମୁରଲିଧର ଭୋଇ ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଡୋଲାମଣି ପଟେଲ, ସାମ୍ବାଦିକ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷକ ସୁଦାମା ବାରିକ (ହିନ୍ଦୀ ଶିକ୍ଷକ,କୁଟିପାଲି ହାଇସ୍କୁଲ) ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତିଯୋଗୀ ମାନଙ୍କୁ ଅତିଥିଗଣ ମାନପତ୍ର ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ଓ ବ୍ରିଲିଆନ୍ସ ପଏଣ୍ଟର ଉନ୍ନତିସାଧନ କାମନାକରି ଉତ୍ସାହିତ କରିଥିଲେ। ପରେ ମନୋରଞ୍ଜନ ସକାଶେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଚଗୀତ ଓ ଡ୍ରାମା ପରିବେଷଣ ହୋଇଥିଲା।

## ଗୁଜରାଟରେ ଫୁଟବଲ ଖେଳିବେ ସ୍ନେହା



ବରପାଲି,୨୭।୧(ସମିସ): ବରପାଲି ବ୍ଲକ୍ କଦଲିପାଲି ଗାଁର ସ୍ନେହା ଚେର୍କିଆ ଓଡ଼ିଶା ସବ ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିଅନ ଖେଳାଳି ଭାବେ ଗୁଜରାଟ ମାଟିରେ ପାଦ ଥାପିଛନ୍ତି। ଓଡ଼ିଶା ୧୩ ବର୍ଷରୁ କମ୍ ବାଳିକା ଫୁଟବଲ୍ ଦଳ ଅସ୍ମିତା ୟୁ-୧୩ ଜୋନାଲ ଫୁଟବଲ୍ ଲିଗ୍ ୨୦୨୫-୨୬ (ପଶ୍ଚିମ ଜୋନ୍)ରେ ଅଂଶଗ୍ରହଣ କରିବା ପାଇଁ ଗୁଜରାଟର ଭାବନଗରରେ ପହଞ୍ଚିଛନ୍ତି। ୨୮ ଜାନୁଆରୀ ୨୦୨୬ରେ ଦଳ ସେମାନଙ୍କର ଉଦ୍‌ଘାଟନୀ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବେ। ଗାଁସ୍କୁଲ ଅଷ୍ଟମ ଶ୍ରେଣୀର ଛାତ୍ରୀ ହେଉଛନ୍ତି ସ୍ନେହା। ତାଙ୍କର ଏହି ସଫଳତା ବରପାଲି ଅଞ୍ଚଳ ତଥା ବରଗଡ଼ ଜିଲ୍ଲାକୁ ଗୌରାବାନ୍ୱିତ କରିବାରେ ସହାୟକ ହୋଇଛି। ସ୍ନେହାଙ୍କ ବାପା ଦେଶାନ୍ତର ଚେର୍କିଆ ଜଣେ ଚାଷୀ ହୋଇଥିବା ବେଳେ ମାଆ ପୁଷ୍ପବତୀ ଚେର୍କିଆ ଗୃହିଣୀ ଅଟନ୍ତି। ଖେଳ ଶିକ୍ଷକ ସମ୍ପୂର୍ଣ୍ଣ ଭୋଇଙ୍କ ତତ୍ତ୍ୱାଧାନରେ ପ୍ରତିଦିନ ସେ ଅଭ୍ୟାସ ଜାରି ରଖିଛନ୍ତି। ସମ୍ପୂର୍ଣ୍ଣ ଭୋଇଙ୍କ ପ୍ରଶିକ୍ଷଣ ଓ ଉଦ୍ୟମରେ ବହୁ ବାଳିକା ଫୁଟବଲ ଖେଳାଳି ଭାବେ ନାମକରା ହୋଇ ଜାତୀୟ ସ୍ତରରେ ଖେଳିବାର ସୁଯୋଗ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ୬୦ ଜଣ ରାଜ୍ୟ ସ୍ତରରେ, ୧୨ ଜଣ ଜାତୀୟ ସ୍ତରରେ ଓ ଜଣେ ନିକିତା ବିଶି ଅର୍ନ୍ତଜାତୀୟ ସ୍ତରରେ ଖେଳିବାର ସୁଯୋଗ ପାଇ ବରପାଲି ମାଟିର ଗାରିମା ବଢ଼ାଇଛନ୍ତି। ଅପରପକ୍ଷରେ ରାଜ୍ୟ, ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଖେଳୁଥିବା ମହିଳା ଖେଳାଳି ମାନଙ୍କ ପ୍ରତିଦିନ ଅଭ୍ୟାସ କରୁଥିବା ଖେଳପଡିଆଟି ଭରପୁର ଅବ୍ୟବସ୍ଥା ଘେର ମଧ୍ୟରେ ଭରି ରହିଛି। ସରକାରୀ ସ୍ତରରେ ସରକାର କ୍ରୀଡା ବିଭାଗ ପ୍ରତି ଖେଳାଳି ଓ ଖେଳ ପଡିଆର ବିକାଶ ଦିଗରେ ପାଣିପରି ଲକ୍ଷଲକ୍ଷ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ କଦଲିପାଲି ମହିଳା ଖେଳପଡିଆ ସହ ଏହି ନାମକରା ମହିଳା ଖେଳାଳି ମାନଙ୍କ ପ୍ରତି କ୍ରୀଡା ବିଭାଗର ଉଦାସୀନତା ଅଞ୍ଚଳବାସୀ ତଥା ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି।

## ବୁଲୁ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ



ସମ୍ବଲପୁର, ୨୭।୧ (ସମିସ) : ମାନେଶ୍ୱର ବ୍ଲକ୍ ଅଧୀନ ଧମା ପଞ୍ଚାୟତ ଧମା ଫୁଟବଲ୍ ପଡ଼ିଆଠାରେ ଝାଡ଼େଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ବୁଲୁ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସିନ୍ଦୁରପଙ୍କ କ୍ରିକେଟ କ୍ଲବ୍ ଓ ଚକୁଲି କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ସିନ୍ଦୁରପଙ୍କ ଦଳ ୫୦ ରନ୍ ବ୍ୟବଧାନରେ ଚକୁଲିକୁ ପରାଜିତ କରିଥିଲେ। ଖେଳକୁ ଅମରେଶ ନାୟକ ଓ ସୁବ୍ରତ କଠାର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ମନୋଜ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣ୍ଡେ, ଧମା ସରପଞ୍ଚ ଲଳିତା ପ୍ରଧାନ, ହୁମା ସରପଞ୍ଚ ଇଳାବତୀ ପୂଜାରୀ, ଗୋବିନ୍ଦ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ରୂପଞ୍ଜୟ ଚୌଧୁରୀ, ଭଗବାନ ପୁରୋହିତ ପ୍ରମୁଖ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ନଗଦ ଅର୍ଥ ପ୍ରଦାନ କରିଥିଲେ। ନୀଳମଣି କଠାର, ମୁକୁନ୍ଦ ଲୁହା, ପ୍ରିୟାଂଶୁ ମଣ୍ଡଳ, ପ୍ରଦୀପ ବାରିକ, ରାଜେଶ ଲହାରିଆ, ପ୍ରଭାତ ମେହେର, ଆକାଶ ଖଡ଼ିଆ, ରାକେଶ ସେଠ୍ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# 'ରାଷ୍ଟ୍ର କେବଳ ମାଟିଗୋଡ଼ିର ସୀମା ନୁହେଁ'

ସମ୍ବଲପୁର, ୨୭।୧ (ସମିସ)




ରାଷ୍ଟ୍ର କହିଲେ ମାଟିଗୋଡ଼ିର ପରିସୀମା ନୁହେଁ, ବରଂ ଚିନ୍ତା, ଚରିତ୍ର ଓ ଚେତନା। ରାଷ୍ଟ୍ର ନିର୍ମାଣ କରିବାକୁ ଯୁବଶକ୍ତି ପ୍ରଥମେ ଶିକ୍ଷିତ ହେବା ଉଚିତ। ଶିକ୍ଷିତର ଅର୍ଥ ସାର୍ଟିଫିକେଟ ବା ଚାକିରି ପାଇଁ ପାଠ ପଢ଼ିବା ନୁହେଁ, ଏହା ଚରିତ୍ର ନିର୍ମାଣ, ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭର ହେବାସହ ଅନ୍ୟକୁ ସହଯୋଗ କରିବା ପାଇଁ ଉଦ୍ଦିଷ୍ଟ ହେବା ଉଚିତ। ଅଗ୍ନିବୀର ପାଇଁ ଯେଉଁ ପ୍ରଶିକ୍ଷଣ ଦିଆଯାଉଛି, ତାହା ଦେଶର ଆବଶ୍ୟକତା ସମୟରେ କାମକୁ ଆସିବ। ଆମେ 'ଲୋକାଲ ଫର୍ ଭୋକାଲ' ହେବା, ବିଦେଶୀ ସାମଗ୍ରୀକୁ ପ୍ରାଧାନ୍ୟ ନ ଦେଇ ସ୍ୱଦେଶୀ ବ୍ୟବହାର କରିବା। ରାଷ୍ଟ୍ର ନିର୍ମାଣ କହିଲେ କେବଳ ଅର୍ଥନୀତିରେ ଉନ୍ନତି ନୁହେଁ, ବରଂ ମହିଳା ସୁରକ୍ଷା, ପରିବେଶ ସୁରକ୍ଷା, ସମାଜର ଉନ୍ନତି ପାଇଁ ଚିନ୍ତା କରିବା ଉଚିତ ବୋଲି ଆଲୋଚକ ଶ୍ରୁତିରେଖା ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ସେତୁ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଚାଲିଥିବା ପୁସ୍ତକମେଳାର ତୃତୀୟ ଦିବସ ସୋମବାର ଆଲୋଚନାର ବିଷୟ ଥିଲା "ରାଷ୍ଟ୍ରନିର୍ମାଣରେ ଯୁବଶକ୍ତିର ଭୂମିକା'। ଡକ୍ଟର ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ଶ୍ରୁତିରେଖା ଆଚାର୍ଯ୍ୟ ଓ ପ୍ରଫେସର ଡମ୍ବରୁଧର ପଟ୍ଟନାୟକ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଆଲୋଚକ ପ୍ରଫେସର ପଟ୍ଟନାୟକ କହିଲେ ଯେ, ଭାରତର ଇତିହାସ ୭ ହଜାର ବର୍ଷ ପ୍ରାଚୀନ, ସିନ୍ଧୁ ଓ ସରସ୍ୱତୀ ସଭ୍ୟତାର। ରାଷ୍ଟ୍ର କଣ ଜାଣିବାକୁ ହେଲେ ଇତିହାସର ତିନୋଟି ଧାରାର ଅନୁଧ୍ୟାନ କରିବାକୁ ପଡ଼ିବ। ସେଥିରୁ ଶ୍ରୀଅରବିନ୍ଦ ଓ ସ୍ୱାମୀ ବିବେକାନନ୍ଦଙ୍କ ମତାନୁସାରେ ପ୍ରାଚୀନ ଭାରତୀୟ ସଭ୍ୟତା ହିଁ ହେଉଛି ଆଧୁନିକ ରାଷ୍ଟ୍ରର ଭିତ୍ତିଭୂମି। କିନ୍ତୁ ବିଦେଶାଗତ ଐତିହାସିକମାନେ ତାଙ୍କୁ ସୁହାଇଲା ଭଳି ଇତିହାସକୁ ପରିବର୍ତ୍ତିତ କରିଛନ୍ତି। ଯୁବସମାଜ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପଦାଙ୍କ ଅନୁସରଣ କରି ଭାରତ ନିର୍ମାଣରେ ବ୍ରତୀ ହେବା ଆବଶ୍ୟକ ବୋଲି ସେ ମତ ରଖିଥିଲେ।

## ଟୋକନ ଓ ଧାନମଣ୍ଡି ଅବ୍ୟବସ୍ଥା

# ଚାଷୀ ସମସ୍ୟା ନେଇ ଆଜି ବରଗଡ଼ ବନ୍ଦ

ବରଗଡ଼,୨୭।୧(ସମିସ)



ବରଗଡ଼ ଜିଲ୍ଲାର ଜୀବନ ଜୀବିକା ଗ୍ରାମୀଣ ଓ ଅର୍ଥନୀତି କୃଷି ଭିତ୍ତିକ ଅଟେ। ବିଭିନ୍ନ ସମୟରେ କୃଷକ ମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେଥିପାଇଁ ସଚେତନ ବ୍ୟକ୍ତି ବିଶେଷ ମାନେ ପୀଡିତ କୃଷକ ମାନଙ୍କୁ ନେଇ ସଂଗଠନ କରି ସରକାରଙ୍କୁ ନିଜର ଦାବି ଜଣାଇଥାନ୍ତି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କୃଷକ ସଂଗଠନ ମଧ୍ୟ ଦୀର୍ଘ ଦିନ ହେବ କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ କରି ଆସିଛି। କିନ୍ତୁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ମଞ୍ଚରେ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୃଷକ ମାନଙ୍କ ସମସ୍ୟାକୁ ଉପେକ୍ଷିତ ଓ ଉପହାସ କରି ହକ ଅଧିକାର ଆନ୍ଦୋଳନକୁ ନୌଟଙ୍କି ବୋଲି କହିବା ସମ୍ପୂର୍ଣ୍ଣ ନିନ୍ଦନୀୟ। ମନ୍ତ୍ରୀଙ୍କ ମନ୍ତବ୍ୟ ଅବହେଳିତ ଶୋଷିତ ଚାଷୀଙ୍କ ପାଇଁ ଏବଂ ବରଗଡ଼ ବାସୀଙ୍କ ପ୍ରତି ଘୋର ଅପମାନ ବୋଲି ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି। ଏଣୁ ତୁରନ୍ତ କୃଷି ମନ୍ତ୍ରୀଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଯାଉ ଏବଂ ଆଗାମୀ ଦିନରେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାକୁ ରାଜ ଅତିଥି ହେବାର ସୁଯୋଗ ଦିଆ ନ ଯାଉ। ରାଜ୍ୟ ସରକାର ଚାଷୀଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନ ୮୦୦ ଟଙ୍କା ବୋନସ ଦେଇ, ଚାଷୀଙ୍କୁ କୌଣସି ପ୍ରକାର ହଇରାଣ କରାଯିବ ନାହିଁ, ମଣ୍ଡି ଜଗିବେ ମନ୍ତ୍ରୀ ବିଧାୟକ ଏବଂ ପ୍ରତ୍ୟେକ ମଣ୍ଡିରେ ଜଣେ ଜଣେ ଅଫିସର ପରିଚାଳନାରେ ନିଯୁକ୍ତ ହେବେ ବୋଲି ଘୋଷଣା କରିଥିଲେ। ହେଲେ ବାସ୍ତବିକ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଅଟେ। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୭% ଧାନ କିଣା ହୋଇଥିବା ବେଳେ ପଦ୍ମପୁର ଆରଏମସିର ମଣ୍ଡିମାନଙ୍କରେ ୫୩% ଧାନ କିଣା ଯାଇଛି। ଖୋଲା ଆକାଶ ତଳେ ୧୬ ଲକ୍ଷ ପାକେଟ ଧାନ ପଡିଛି। ସରକାର କହୁଛନ୍ତି ମାର୍ଚ୍ଚ ମାସ ଶେଷ ସୁଦ୍ଧା ଧାନ କିଣା ହେବ। ଫଳରେ ଚାଷୀ ବାଧ୍ୟ ହୋଇ ମଧ୍ୟସ୍ଥି ମାନଙ୍କୁ ୧୭/୧୮ ଶହରେ ଧାନ ବିକ୍ରି କରୁଛି। ସେହି ଧାନ ପୁଣି ମଣ୍ଡିରେ ମଧ୍ୟସ୍ଥି ମାନେ ୩୧ ଶହରେ ବିକ୍ରି କରୁଛନ୍ତି। ପ୍ରତେକ ମଣ୍ଡିରେ ମିଲର ଓ ଦଲାଲ ମାନଙ୍କ ମର୍ଜିରେ ଧାନ କିଣା ଚାଲିଛି। ସରକାରୀ ବ୍ୟବସ୍ଥା ପ୍ରହସନ ପାଲଟିଛି। ଏଣୁ ତୁରନ୍ତ ପଞ୍ଜିକୃତ ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରି ସରକାରୀ ମୂଲ୍ୟରେ ଧାନ କିଣା ଯାଉ ବୋଲି ଦାବି ହୋଇଛି।

ସେହିପରି ସରକାର ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ହଜାର ହଜାର ଟଙ୍କା ଜରିମାନା ନେଉଥିବା ବେଳେ ବଡ ବଡ କମ୍ପାନୀ ମାନଙ୍କ ଦ୍ୱାରା ହେଉଥିବା ଭୟଙ୍କର ପ୍ରଦୂଷଣକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ଖଣି କମ୍ପାନୀ ମାନଙ୍କ ଉପରେ ୩୯୬୬ କୋଟି ଟଙ୍କା କୋଟି ଟଙ୍କା ବାକି ପଡିଥିବା ବେଳେ ୪୨ଟି ଶିଳ୍ପ କରିଥିବା କମ୍ପାନୀ ମାନଙ୍କ ଜଳକର ବାବଦରେ ୩୭୯୭ କୋଟି ଟଙ୍କା ଜଳକର ବାକି ପଡିଛି। ଖଣି ଉତ୍ତୋଳନ ଚୁକ୍ତିର ଖିଲାପ କରିଥିବା କମ୍ପାନୀ ମାନଙ୍କ ଉପରେ ୫ ବର୍ଷରେ ୪୧ ହଜାର, ୫୬୮ କୋଟି ୧୨ ଲକ୍ଷ ୬୨ ହଜାର ୪୭୪ ଟଙ୍କା ଆଦାୟ କରିବାର ସତସାହସ ସରକାରଙ୍କ ନଥିବା ବେଳେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଗାଡି ପ୍ରଦୂଷଣ ନାମରେ ହାରାହାରି ୩୫ ଲକ୍ଷ ଲୋକଙ୍କ ଠାରୁ ୧୩୦୦ କୋଟି ଟଙ୍କା ଆଦାୟ କରିବା କେତେ ଦୂର ଯଥାର୍ଥ ଅଟେ। ଏଣୁ ତୁରନ୍ତ ପ୍ରଦୂଷଣ ନାଁରେ ଲୁଟ କରିବା ବନ୍ଦ କରାଯାଉ ବୋଲି ଦାବି ହୋଇଛି।

ପୁଣି ଆମର ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ବଳକା ରାଜ୍ୟ। ସିଏଜି ରିପୋର୍ଟ ଅନୁଯାୟୀ ରାଜ୍ୟରେ ଘରୋଇ ପାଇଁ ୮% ଏବଂ କୃଷି ପାଇଁ ୨% ଏବଂ ରାଜ୍ୟ ଶିଳ୍ପ ଓ ବାଣିଜ୍ୟ ପାଇଁ ୮୦% ବିଦ୍ୟୁତ ବ୍ୟବହାର ହେଉଛି। ବିଦ୍ୟୁତ କିଣି ଅନେକ ରାଜ୍ୟ ସାଧାରଣ ଲୋକଙ୍କୁ ମାଗଣା ଦେଉଛନ୍ତି। ଏପରିକି କୃଷିକ୍ଷେତ୍ରରେ ପଞ୍ଜାବ, ତେଲେଙ୍ଗାନା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ, ରାଜସ୍ଥାନ, ଦିଲ୍ଲୀ ଆଦି ସରକାର ମାନେ ମାଗଣା ବିଦ୍ୟୁତ ଦେଇ ପାରୁଛନ୍ତି। ନିର୍ବାଚନ ସମୟରେ ଆମ ସରକାର ମଧ୍ୟ ଘରୋଇ ଉପଭୋକ୍ତାଙ୍କ ପାଇଁ ୩୦୦ ୟୁନିଟ ବିଦ୍ୟୁତ ମାଗଣା ପ୍ରତି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସରକାର ଚଳିତ ବିଧାନସଭାରେ ସ୍ମାର୍ଟ ମିଟରକୁ ବାଧ୍ୟତା କରିବା ଏବଂ ବଳକାରିକ୍ୟୁରିଟୀ ନ ଦେଲେ ୧୫ ଦିନ ମଧ୍ୟରେ ଲାଇନ କାଟିଦିଆଯିବା ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ପଟେ ଟାଟା ପାୱାର କମ୍ପାନୀକୁ ୭୩୫ କୋଟି ଟଙ୍କା ସ୍ମାର୍ଟ ମିଟର ନାଁରେ ଦେବା ଉପରେ ପ୍ରଶ୍ନ ଉଠିଛି। ସ୍ମାର୍ଟ ମିଟର ବନ୍ଦ କରାଯାଉ, ସାଧାରଣ ଖାଉଟିଙ୍କୁ ୩୦୦ ୟୁନିଟ ମାଗଣା ଓ ଚାଷ କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ସମ୍ପୂର୍ଣ୍ଣ ଛାଡ କରାଯାଉ। ଏଣୁ ଉପରୋକ୍ତ ବିଷୟଗୁଡିକ ସମାଧାନ ପାଇଁ ଆଗାମୀ ଜାନୁଆରୀ ୨୮ ସକାଳ ୬ ରୁ ଦିବା ୨ ଟା ପର୍ଯ୍ୟନ୍ତ ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ ତରଫରୁ ଜିଲ୍ଲାରେ ଜରୁରୀ ସେବା ବ୍ୟତୀତ ସମସ୍ତ ସରକାରୀ ବେସରକାରୀ ଅଫିସ, ଗାଡ଼ିମଟର, ଦୋକାନ ବଜାର ବନ୍ଦ କରିବା ପାଇଁ ଡାକରା ଦିଆଯାଇଛି। ଏଥିରେ ଚାଷୀ, ମହିଳା, ଯୁବକ, ଛାତ୍ର, ବେପାରୀ, ଗାଡି ମଟର ଚାଳକ ଏବଂ ମାଲିକ ଓ ରାଜ୍ୟକୁ ଭଲ ପାଉଥିବା ବୁଦ୍ଧିଜୀବୀ ଠାରୁ ଆରମ୍ଭ କରି ଜନହିତରେ ଭାଗିଦାରୀ ହେବାକୁ ଚାହୁଁଥିବା ସମସ୍ତ ରାଜନୈତିକ ଦଳ ଏବଂ ସମସ୍ତ ସଂଗଠନ ମାନଙ୍କୁ ସହଯୋଗ କରିବା ପାଇଁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

- ପ୍ରଦୂଷଣ ନାଁରେ ସାଧାରଣ ଲୋକଙ୍କ ଠାରୁ ଜରିମାନା ଆଦାୟ
- ସ୍ମାର୍ଟ ମିଟର ନାମରେ ଶୋଷଣ
- କଂସ ଦରବାରରେ ଚାଷୀଙ୍କ ସମସ୍ୟାକୁ ନୌଟଙ୍କି କହିବାକୁ ବିରୋଧ

## ଆଜି ରାଜ୍ୟ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରା




ଅତାବିରା,୨୭।୧(ସମିସ): ଟୋକନ ସମସ୍ୟା, ଧାନର କଟନୀ ଛଟନୀ, ମଣ୍ଡିର ବିକ୍ରି, ସ୍ମାର୍ଟ ମିଟର ନାଁରେ ଟାଟା ପାୱାରର ଶୋଷଣ ଆଦି ବିଭିନ୍ନ ସମସ୍ୟା ତଥା ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା କଂସ ଦରବାରରେ କୃଷି ମନ୍ତ୍ରୀ ଚାଷୀଙ୍କୁ ନୌଟଙ୍କୀ କରିବା କହିବା ପ୍ରତିବାଦରେ ଆଜି ୨୮ ଅତାବିରା ବନ୍ଦ ଡାକରା ଦେଇଛି। ଏହା ପୂର୍ବରୁ ନବ ନିର୍ମାଣ କୃଷକ ସଂଗଠନର ଚାଷ ଓ ଚାଷୀ ସମସ୍ୟା ନେଇ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦେଇଛି। ଏହାକୁ ସମର୍ଥନ ଜଣାଇଛି ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା। ଏ ନେଇ ସ୍ଥାନୀୟ ଅଗ୍ରସେନ ଭବନରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ବୀରେନ୍ଦ୍ର କର ସୂଚନା ଦେଇଛନ୍ତି ଯେ, ବିଗତ ଫସଲରେ ଧାନ ବିକ୍ରି କରିଥିବା କିଛି ଚାଷୀଙ୍କ ଟୋକନ ଏବେ ଯାଏଁ ଆସିନାହିଁ। ସାଟେଲାଇଟ୍ ସର୍ଭେ ନାଁରେ ବହୁ ଚାଷୀଙ୍କ ଜମି ପରିମାଣ କାଟି ଦେଇଛନ୍ତି। ବଡ଼ ବଡ଼ ଚାଷୀଙ୍କ ୨ଟି ଲେଖାଏଁ ଟୋକନ ଆସି ଥିବା ବେଳେ ଜାନୁଆରୀ ମାସ ସରିବାକୁ ଆସିଲାଣି ହେଲେ ୩ ନମ୍ବର ଟୋକନ ଆସି ନାହିଁ। ବାରମ୍ବାର ଦାବି, ଆନ୍ଦୋଳନ, ରାସ୍ତାରୋକ କରିଥିଲେ ସୁଦ୍ଧା ପ୍ରଶାସନ, ସରକାର କର୍ଣ୍ଣପାତ କରୁ ନାହାନ୍ତି। ଚାଷୀ ସମସ୍ୟା ନେଇ ଆସନ୍ତା କାଲି ବନ୍ଦ ଡାକରା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଟିଖେଲାଲ ମିଶ୍ର, ଭୁବନ ପ୍ରଧାନ, ପାପାରାଓ, ପି ସତବାବୁ, ସୁବାଷ ବିଶ୍ୱାଲ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ବରଗଡ଼, ୨୭ ।୧(ସମିସ): ବରଗଡ଼ ଜିଲ୍ଲାର ଥିବା୧୨ଗୋଟି ବ୍ଲକ୍ ତଥା ଜିଲ୍ଲା ମୁଖ୍ୟାଳୟରେ ଥିବା ମହାବିଦ୍ୟାଳୟ ତଥା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ବର୍ତ୍ତମାନ ସମୟରେ ଅନେକ ପ୍ରକାରର ଅବ୍ୟବସ୍ଥା ଘେରରେ ରହିଛି। ସେହି ଅବ୍ୟବସ୍ଥା ମଧ୍ୟରେ ମୁଖ୍ୟତଃ ଶୋଚନୀୟ ଅବସ୍ଥାରେ ଶୌଚାଳୟ ରହିଛି। ଫଳରେ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାବିଦ୍ୟାଳୟ ମାନଙ୍କରେ ଭିତ୍ତିଭୂମି ବିକାଶ କରିବା ସହିତ ସେହି ମହାବିଦ୍ୟାଳୟ ମାନଙ୍କରେ ବର୍ତ୍ତମାନ କିଛି ଯୁବ ଛାତ୍ରମାନେ ନିଶା ସେବନ କରିଆସୁଛନ୍ତି। ନିଶା ସେବନ ନିମନ୍ତେ ଏହି ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷଣୀୟ ପରିବେଶରେ ଅରାଜକତା ସୃଷ୍ଟି ହେଉଛି। ଏହି ସଙ୍କ୍ରାନ୍ତୀୟ ଘଟଣା ନେଇ ଆମେ ଅନେକ ଥର ସମ୍ପୃକ୍ତ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରମୁଖ ଅଧକ୍ଷ ମାନଙ୍କ ନିକଟରେ ସାକ୍ଷାତ କରି ଅଭିଯୋଗ ଓ ଆଲୋଚନା କରିଆସିଛୁ ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ରାଜ୍ୟ ଛାତ୍ର କଂଗ୍ରେସ୍ ଉପ ସଭାପତି ଗୌରବ ପତି (ଆଜାଦ) କହିଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଜରିଆରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଦାବିପତ୍ର ଦେଇଛନ୍ତି।

## ଚାଷୀ ବେଶରେ ପହ୍ଲା ରୋଇଲେ କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀ

ବରଗଡ଼,୨୭।୧(ସମିସ): ବରଗଡ଼ ସହର ସ୍ଥିତ ଖଣ୍ଡହତା ଗାଁରେ କ୍ରିଷ୍ଣା ବିକାଶ ଫାଷ୍ଟ୍ ଷ୍ଟେପ୍, ବରଗଡ଼ର ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଜାତୀୟ ଶିକ୍ଷାନୀତି (ଏନ୍ଇପି) ୨୦୨୫କୁ ଅନୁଧ୍ୟାନ କରି ମଙ୍ଗଳବାର ଏକ ନିଆରା କାର୍ଯ୍ୟକ୍ରମ କରିଛନ୍ତି। ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଚାଷୀ ବେଶରେ ସଜ୍ଜିତ ହୋଇ ଧାନ (ପହ୍ଲା) ରୋପଣ କରିଥିଲେ। ଚେୟାରମ୍ୟାନ ଡି. ମୂରଲୀ କ୍ରିଷ୍ଣାଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ କୃଷିକ୍ଷେତ୍ରକୁ ଯାଇ ଧାନ ରୋଇଥିଲେ। କାର୍ଯ୍ୟକ୍ରମରେ ସାମିଲ ହୋଇ କୃଷକମାନଙ୍କ ଜୀବନ, ଜୀବିକା ଉପରେ ବଖାଣିବା ସହିତ ଦେଶର ଖାଦ୍ୟ, ପେୟ, ସଂସ୍କୃତିକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। କ୍ରିଷ୍ଣା ବିକାଶ ଫାଷ୍ଟ୍ ଷ୍ଟେପ୍, ବରଗଡ଼ର ପୁଷ୍ପଲତା ମହାପାତ୍ର ସମେତ ସମ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।





## ଗଙ୍ଗାଧର ମେହେର କପ୍ ଉଦ୍‌ଘାଟିତ



ବରପାଲି,୨୭।୧(ସମିସ): ବରପାଲି ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସପ୍ତ ଦିବସୀୟ ରାଜ୍ୟସ୍ତରୀୟ ଗଙ୍ଗାଧର ମେହେର କପ୍ ଫୁଟବଲ ଉଦ୍‌ଘାଟନ ଉତ୍ସବ ସମ୍ପର୍ଣ୍ଣ ହୋଇଯାଇଛି। ସୋମବାର ଅପରାହ୍ଣରେ ବରପାଲି ଓ ପଦ୍ମପୁର ଦଳ ମଧ୍ୟରେ ଉଦ୍‌ଘାଟନୀ ଖେଳ ହୋଇଥିଲା। ବରପାଲି ଦଳ ୪ଗୋଲରେ ଅଗ୍ରଣୀ ହୋଇଥିଲେ। ଉତ୍ସବକୁ ମୁଖ୍ୟ ଅତିଥି ଭାବେ ସଞ୍ଜୟ ମେହେର୍ ଡାଇରେକ୍ଟର ବୟୋନିକା ଉଦ୍‌ଘାଟନ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଥାନାଧିକାରୀ ପ୍ରମୋଦ ସାହୁ ଯୋଗ ଦେଇଥିଲେ। ସେହିପରି ମଙ୍ଗଳବାର କୁଚିଣ୍ଡା ଓ ସୋନପୁର ମଧ୍ୟରେ ଖେଳ ହୋଇଥିବା ବେଳେ କୁଚିଣ୍ଡା ଦଳ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲରେ ଅଗ୍ରଣୀ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଆସୋସିଏସନ୍ ସଭାପତି ଉପଗୁପ୍ତ ତ୍ରିପାଠୀ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ତ୍ରିପାଠୀ, ରସାନନ୍ଦ ଥପା, ଗୋକୁଳ ଗହିରଙ୍କ ସମେତ କମିଟି କାର୍ଯ୍ୟକର୍ତ୍ତା ମାନେ ମଞ୍ଚାସୀନ ହୋଇଥିଲେ। ବିଭିନ୍ନ ଦିବସରେ ମୋଟ ଆଠଟି ଦଳକୁଚିଣ୍ଡା, ବରପାଲି, ପଦ୍ମପୁର, ସୋନପୁର, କଳାହାଣ୍ଡି, ରାଉରକେଲା, ବଲାଙ୍ଗିର, ଝାରସୁଗୁଡ଼ା ପ୍ରଭୃତି ଦଳ ମାନ ଭାଗ ନେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ଆସନ୍ତା ୨୮ ତାରିଖ ଓ ଦ୍ୱିତୀୟ ସେମିଫାଇନାଲ ୩୧ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଉଦ୍‌ଯାପନ ଉତ୍ସବ ଫେବୃଆରୀ ୧ତାରିଖ ଅନୁଷ୍ଠିତ ହେବ ବୋଲି ଜଣାପଡିଥିଲା। ଆଜିକାର ଖେଳ ପରିଚାଳନା ଦାୟିତ୍ୱ ଦେବାଶିଷ୍ ବାଗ୍, ଜିତେନ୍ଦ୍ରିୟ ଥନାପତି, ଅଜୟ ପ୍ରଧାନ, ଅନିଲ ଭୋଇ, ଶଶିକାନ୍ତ ଦାଶିଆ, ପଞ୍ଚାନନ ପାତ୍ର, ଶୁଭମ ପାତ୍ର ଓ ମନୋଜ ସାହୁ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିଲେ। ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପରିସରରେ ସମସ୍ତ ଖେଳ ଖେଳାଯାଉଛି।

## ଜାତୀୟ ସଡ଼କ ସୁରକ୍ଷା ମାସ

ବରଗଡ଼,୨୭।୧(ସମିସ): ବରଗଡ଼ ଜିଲ୍ଲାର ଅତାବିରା ବ୍ଲକ୍ ଅନ୍ତର୍ଗତ ଝିଲିମିଣ୍ଡା ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିସିର ଭୋଇଙ୍କ ସଭାପତିତ୍ୱରେ ଜାତୀୟ ସଡକ ସୁରକ୍ଷା ମାସ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମ ଲୋଚନ ଭୋସାଗର ଯୋଗ ଦେଇଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଡକ ସୁରକ୍ଷା ସଚେତନତା ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏଥିରେ ବିଦ୍ୟାଳୟର ସୃଷ୍ଟି ମହାପାତ୍ର, କାଶୀନାଥ ମହାପାତ୍ର, ଦୀପକ ତରିଆ, ବେବି ମହାପାତ୍ର ଓ ସମୀକ୍ଷା ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଧର୍ମରାଜା ପ୍ରଧାନ। ପୂର୍ଣ୍ଣ ଚନ୍ଦ୍ର ଭୋଇ, ପ୍ରତାପ ରଣା, ନିରୁପମା ପ୍ରଧାନ, ରୋହିତ ଭୋଇ, ଛାତ୍ରଛାତ୍ରୀ ଏବଂ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ଦରମା ନ ମିଳିଲେ ଶିକ୍ଷାଦାନ ବନ୍ଦ ଚେତାବନୀ



ପାଇକମାଳ,୨୭।୧(ସମିସ): ପାଇକମାଳ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କର ଦୁଇମାସର ବକେୟା ଦରମା ଦାବିକୁ ନେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଶିକ୍ଷକମାନେ ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ରାଧେଶ୍ୟାମ ମେହେରଙ୍କ ଜରିଆରେ ଡିଇଓ, ବରଗଡ଼ଙ୍କୁ ଦିଆଯାଇଥିବା ଏକ ଦାବିପତ୍ରରେ କହିଛନ୍ତି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କର ନ୍ୟାୟସଙ୍ଗତ ଦରମା ପ୍ରଦାନ ନ କରାଗଲେ ସେମାନେ ଶିକ୍ଷାଦାନ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ଅନୁସାରେ, ଆଗାମୀ ୨୯ ତାରିଖ ମଧ୍ୟରେ ସମସ୍ତ ବକେୟା ଦରମା ପ୍ରଦାନ ନ ହେଲେ, ପାଇକମାଳ ବ୍ଲକ୍‌ର ସମସ୍ତ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ ବୋଲି ଶିକ୍ଷକମାନେ ସୂଚନା ଦେଇଛନ୍ତି। ଦରମା ବିଳମ୍ବ ଯୋଗୁଁ ଶିକ୍ଷକମାନେ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଏହାର ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏହି ବିଷୟରେ ପ୍ରଶାସନ ତତ୍କାଳ ପଦକ୍ଷେପ କରି ଶିକ୍ଷକଙ୍କ ଦରମା ପ୍ରଦାନ କରାଯିବ ବୋଲି ଶିକ୍ଷକମାନେ ଆଶା ପ୍ରକାଶ କରିଛନ୍ତି।

## ଇମ୍ପିରିଆଲ କଲେଜ୍‌ରେ ମହାଭାରତର ଶ୍ରୀକୃଷ୍ଣ

ବରଗଡ଼,୨୭।୧(ସମିସ): ଭାରତୀୟ ସଂସ୍କୃତି ଓ ଆଧ୍ୟାତିକ ଚିନ୍ତାଧାରାର ଜୀବନ୍ତ ପ୍ରତୀକ, ଶ୍ରୀକୃଷ୍ଣଙ୍କ ରୂପକୁ ପରଦାରେ ସାର୍ଥକ ଭାବେ ଉପସ୍ଥାପିତ କରିଥିବା ପ୍ରସିଦ୍ଧ ଖ୍ୟାତନାମା ଚରିତ୍ର ନିତୀଶ ଭାରଦ୍ୱାଜ ଇମ୍ପିରିୟଲ୍ କଲେଜ୍, ବରଗଡ଼କୁ ଆଗମନ ହୋଇଥିଲା। ଏଥିରେ ବରଗଡ଼ ତଥା ଆଖପାଖ ଅନେକ ଅଞ୍ଚଳର ଲୋକମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶ୍ରୀକୃଷ୍ଣଙ୍କ ଆଗମନ କାଳରେ କୁନିକୁନି ଛାତ୍ରମାନଙ୍କ କୃଷ୍ଣରୂପ ଧାରଣ କରି ସ୍ୱାଗତ କରିଥିଲେ। ଏହି ଅବସରରେ ଶ୍ରୀ ଭାରଦ୍ୱାଜ ଭାରତୀୟ ଦାର୍ଶନିକତା, ମହାଭାରତରେ ଶ୍ରୀକୃଷ୍ଣଙ୍କ ଜୀବନ ଦର୍ଶନ ଏବଂ ଆଧୁନିକ ଯୁଗରେ ତାହାର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ସର୍ବଶେଷରେ ବିଭିନ୍ନ ସ୍ଥାନର ବ୍ୟକ୍ତିବିଶେଷ ତଥା ଇମ୍ପିରିୟଲ୍ କଲେଜ୍‌ର ପରିଚାଳକ ଦୀପକ ଗୋୟଲଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଏହି ଅନୁଭବକୁ ସ୍ମରଣୀୟ ଓ ଅନୁପ୍ରେରଣାଦାୟକ ବୋଲି ମତ ପ୍ରକାଶ କରିଛନ୍ତି।

## ସନ୍ତୋଷ ସ୍ମାରକୀ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



ପଦ୍ମପୁର,୨୭।୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ପଦ୍ମପୁର ବ୍ୟାଡମିଣ୍ଟନ ଉନ୍ନୟନ କମିଟି ତରଫରୁ ୨ୟ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ୱର୍ଗତ ସନ୍ତୋଷ ବୈକାରଙ୍କ ସ୍ମୃତିରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ପୂର୍ବତନ ନଗରପାଳ ଶିରିଶ ବହିଦାର ଏବଂ ସମ୍ମାନିତ ଅତିଥି ଭାବେ ବଣିକ ସଂଘର ସଭାପତି ପ୍ରତାପ ମିଶ୍ର ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳି ବିଷ୍ଣୁ ଦୋରା, ଶେଖ ଗୁଲାମ ଅକବର, ସଚିଦାନନ୍ଦ ବହିଦାର, ସୁନୀଲ ଅଗ୍ରୱାଲ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବହୁତ ଉଚ୍ଚକୋଟୀର ଖେଳାଳି ଓଡ଼ିଶା ରାଙ୍କିଙ୍ଗ ଖେଳାଳି ନିଜ ଖେଳର ପ୍ରତିଭା ଦେଖାଇଥିଲେ। ୧୯ ବର୍ଷରୁ କମ୍ ଯୁଗ୍ମ ବିଭାଗରେ ଅନୁଗୁଳ ଦଳର ପ୍ରତ୍ୟୁଷ ପ୍ରଧାନ ଓ ଜୟକୃଷ୍ଣ ଗଡତିଆ ବିଜେତା ହୋଇଥିବା ବେଳେ ବଲାଙ୍ଗିରର ପିୟୁଷ ନାଗ ଓ ବିନୀତ ନାଏକ ଉପବିଜେତା ହୋଇଥିଲେ। ସେହିପରି ୧୫ ବର୍ଷରୁ କମ୍ ଯୁଗ୍ମ ବିଭାଗରେ ବଲାଙ୍ଗିର ଅଭିମନ୍ୟୁ ଏକାଡେମୀର ଆଦିତ୍ୟ ବଳରାଜ କର ଓ ଋତୁରାଜ ପଟେଲ ବିଜେତା ହୋଇଥିବା ବେଳେ ସାଇ ଚନ୍ଦନ ମହାନ୍ତି ଓ ଯଶ ପଞ୍ଚାରିଆ ଉପବିଜେତା ହୋଇଥିଲେ। ଉଚ୍ଚକୋଟୀର ଖେଳ ପାଇଁ ବିଜୟ ଗୁଡ଼ିଆକୁ ୧୯ ବର୍ଷରୁ କମ୍ ଏବଂ ଆଦିତ୍ୟ ବଳରାଜ କରଙ୍କୁ ୧୫ ବର୍ଷରୁ କମ ବର୍ଗରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ସଭାପତି ହରିଶଙ୍କର ସିଂହ ସମ୍ପାଦକ କିଶୋର ପାତ୍ର, ଉପସଭାପତି ବଂଶୀ ଅଗ୍ରୱାଲ, କୋଷାଧ୍ୟକ୍ଷ ଦୀପକ ଅଗ୍ରୱାଲ, ନିପୁନ ସାହୁ, ସୁନୀଲ ସାହୁ, ଶୁଭମ ଶେଖର ସାହୁ ସୁଧୀର ସାହୁ ଦିନେଶ ବେହେରା ଆବିକ ସିଦ୍ଦିକ ଅମିତ ମିଶ୍ର, ଶେଖ ଗୁଲାମ ଅକିବରାଜା, ଅମିତ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ମହମ୍ମଦ ଅଁଶ, ମହମ୍ମଦ ଉସମାନ, ଫିରୋଜ ଖାନ, ସଲ୍ଲୁ ଖାନ, ଅପ୍ପୁ ଖାନ, ବୋଧଦିତ୍ୟ ସାହୁ, ପ୍ରଦ୍ୟୁମ୍ନ ପ୍ରତିକ ସାହୁ, ଗୌରବ, ଅଙ୍କିତ ସାହୁ ମୋନିକ ପ୍ରଧାନ, ଅଭିଜିତ ସିଂହ, ଶୈଳେଶ ମହାପାତ୍ର, ରୋଶନ ପଣ୍ଡାରାକେଶ ସାହୁ, ଆର୍ୟନ ଅଗ୍ରୱାଲ ପରିଚାଳନା କରିଥିଲେ। ଶେଷରେ ବ୍ୟାଡମିଣ୍ଟନ ଉନ୍ନୟନ କମିଟିର ସଭାପତି ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବରଗଡ଼,୨୭।୧(ସମିସ): ବରଗଡ଼ ବାଲିଟିକ୍ରାରେ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ତେବେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ମୃତ ଯୁବକ ଜଣକ ଖଜୁରଟିକ୍ରାର ୨୭ ବର୍ଷୀୟ ଶୁଭମ ମହାନ୍ତି ବୋଲି ଜଣାପଡିଛି। ଯୁବକ ଜଣକ ଗତକାଲି ଟୁଲୀ ଗେଷ୍ଟ ହାଉସରୁ ଘରକୁ ଯାଉଛି ବୋଲି କହିଥିଲେ ଏବଂ ଘରକୁ ଫେରି ନଥିଲେ। ଏନେଇ ଟାଉନ ଥାନାରେ ନିଖୋଜ ଥିବା ନେଇ ରିପୋର୍ଟ ଦିଆଯାଇଥିଲା। ତେବେ ଆଜି ବାଲିଟିକ୍ରା ଠାରେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖାଯାଇଥିଲା। ଘଟଣାସ୍ଥଳରେ ଏସଡିପିଓ ପଦାର ବିନ୍ଦ ତ୍ରିପାଠୀ, ଟାଉନ ପୁଲିସ ପହଞ୍ଚିଥିବା ବେଳେ ତଦନ୍ତ ଆରମ୍ଭ କରିଛନ୍ତି।

## କ୍ଷୀରୋଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଶୁଖା ଚାମ୍ପିଅନ

ମେଲଛାମୁଣ୍ଡା,୨୭।୧(ସମିସ)



ମେଲଛାମୁଣ୍ଡା ଥାନା ଅଧୀନ ଚୁହାନପାଲି ଠାରେ ଚାଲିଥିବା ପ୍ରଥମ କ୍ଷୀରୋଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଦୁଇଟି ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲରେ କଟାପାଲିକୁ ହରାଇ ଶୁଖା ଫାଇନାଲକୁ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ଉପରବାହାଲକୁ ହରାଇ କୁଚିପାଲି ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ଖେଳଟି ଶୁଖା ଓ କୁଚିପାଲି ଦଳ ମଧ୍ୟରେ କଡା ଟକ୍କର ହୋଇଥିଲା। ଏଥିରେ କୁଚିପାଲିକୁ ହରାଇ ଶୁଖା ଦଳ ଚାମ୍ପିଅନ ହୋଇଥିଲା। ଆଜିର ମ୍ୟାଚ୍ ଗୁଡିକ ନରୋତ୍ତମ ପଧାନ, ଅର୍ଜୁନ ମେହେର, ଭୁଜରାଜ ମେହେର ପରିଚାଳନା କରିଥିବାବେଳେ ସୁନୀଲ ରାଉତ ଓ ତୁଳସୀ ଭୋଇ ଧାରାବିବରଣୀ ଦେଇଥିଲେ। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ବିଜେତା ଶୁଖା କ୍ରିକେଟ ଦଳ ଓ ଉପ ବିଜେତା କୁଚିପାଲି କ୍ରିକେଟ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ।

# ସଗୌରବେ ଉଡ଼ିଲା ତ୍ରିରଙ୍ଗା

ବରଗଡ଼, ୨୭।୧(ସମିସ)

ବରଗଡ଼ ଜିଲ୍ଲା ସଦରମହକୁମାରେ ୭୭ ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ପାଳିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମାରୋହରେ ସର୍ବମୋଟ ୩୮ଟି ପରେଡ ଦଳ ଏବଂ ଜିଲ୍ଲା ପର୍ଯ୍ୟଟନ ସ୍ଥଳ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ,





● ଯୋଗଦେଲା ୧୯ଟି ପ୍ରଜ୍ଞାପନ ମେଢ଼
● ୩୮ଟି ପରେଡ ଦଳ

କଳା ସଂସ୍କୃତି ଉପରେ ଆଧାରିତ ୧୯ଟି ପ୍ରଜ୍ଞାପନ ମେଢ଼ ଯୋଗ ଦେଇଥିଲେ। ଏହାସହ ବାଲ୍ୟବିବାହ ରୋକିବା ପାଇଁ ଆରମ୍ଭ ହୋଇଥିବା ୧୦୦ ଦିନିଆ ଅଭିଯାନ ଉପରେ ପର୍ଯ୍ୟବେଶିତ ଏକ ସାଇକଲ ଚାଳକ ବାଳିକା ଦଳ ଯୋଗ ଦେଇଥିବା ବେଳେ ୮ଟି ନୃତ୍ୟ ଦଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତ ବିଭାଗର ଶ୍ରେଷ୍ଠ ଦଳଗୁଡିକ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ୧୩ ଜଣ କ୍ରୀଡାବିତ ଏବଂ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରଯାଇଥିଲା। ସମାରୋହକୁ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲ୍ଲା ପୂର୍ତ୍ତ ବିଭାଗ, ବରଗଡ଼ ପୌର ପରିଷଦଙ୍କ ସମେତ ପାନୀୟ ଜଳ ଯୋଗାଣ ନିମନ୍ତେ ଜେସିଆଇ ଅନୁଷ୍ଠାନ, ଶିଶୁ ସୁରକ୍ଷା ୟୁନିଟ, ୨୦ ଜଣ ସ୍ୱେଚ୍ଛାସେବୀ ତଥା ପୂର୍ବତନ ଏନସିସି କ୍ୟାଡେଟ ଏବଂ ପରେଡର ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସମ୍ମାନିତ କରିଥିଲେ। ସମାରୋହ ସରିବା ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ତଥା ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହଲ୍ଲାଦ ସହାୟମିନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ସ୍ଥାନୀୟ କାରାଗାର ଅନ୍ତେବାସୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

**ବରଗଡ଼:** ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ଡି.ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବେଶଭୂଷାରେ ସଜ୍ଜିତ ହୋଇଥିଲେ ଓ ଚିତ୍ତାକର୍ଷକ ପରେଡ, ସଙ୍ଗୀତ, ନୃତ୍ୟ ପରିବେଷଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପରେଡରେ ଶ୍ରେଷ୍ଠ ସଦନର ନାମ ଘୋଷଣା କରିଥିଲେ। ଏହି ଅବସରରେ ଜୁନିୟର ଗ୍ରୁପରେ କନିଷ୍ଠ ବାଳିକା ବିଭାଗ, ସିନିୟର



ସେକେଣ୍ଡାରୀ ବିଭାଗରେ ସେକେଣ୍ଡାରୀ ବାଳକ ଏବଂ ସେକେଣ୍ଡାରୀ ବିଭାଗରେ ଫ୍ଲେମିଙ୍ଗୋ ସଦନକୁ ଶ୍ରେଷ୍ଠ ସଦନ ଭାବେ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟି ଡି.ରାମ ତୁଳସୀ, ଆଡମିନ ଅଫିସର ଲଗ୍ନିକା ଦାସ, ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ ପ୍ରମୁଖ କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ।

**ବରଗଡ଼:** ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସରେ ୭୭ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇଂଷ୍ଟିଚ୍ୟୁସନ୍ସର ଚେୟାର୍‌ମେନ୍ ଡି.ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ଭେଟେରାନ୍ ଆର୍ମି ଅଫିସର କର୍ନଲ ବିଶ୍ୱଜିତ୍ ଦାସ୍ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିକାଶ ହାୟର ଏଜୁକେସନ କ୍ୟାମ୍ପସର ୭ଟି ଗ୍ରୁପ ପରେଡ୍ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର୍ ଅଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ପରିବେଷଣ



କରାଯାଇଥିଲା। ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ଦାଶ ବିକାଶ ନର୍ସି କଲେଜକୁ ଶ୍ରେଷ୍ଠ ପରେଡ୍ ଗ୍ରୁପ୍ ଘୋଷଣା କରିଥିଲେ ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଯଶସ୍ୱି ସମ୍ପନ୍ନ ପତି ଏବଂ ଛାତ୍ରୀ ସୌମ୍ୟାଶ୍ରୀତା ବିଶ୍ୱାଲ ବକ୍ତୃତା ଦେଇଥିଲେ। ବିକାଶ ହାୟର ଏଜୁକେସ୍ନାଲ କ୍ୟାମ୍ପସର ସମସ୍ତ ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ, ପ୍ର.ସତ୍ୟବ୍ରତ ମିଶ୍ର, ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଡ.ପୂର୍ଣ୍ଣେନ୍ଦୁ ମିଶ୍ର, ଡ.ଦିଲିପ ଖମାରି, ଡ.ଶୁଭେନ୍ଦୁ ଶେଖର ମିଶ୍ର ଏବଂ ଉପାଧ୍ୟକ୍ଷ ଦୀପକ ନାୟକ ମଞ୍ଚାସୀନ ଥିବାବେଳେ ବିକାଶ ହାୟର ଏଜୁକେସ୍ନାଲ କ୍ୟାମ୍ପସର ଡିନ୍ (ଷ୍ଟୁଡେଣ୍ଟ୍ ଏଫେୟାର୍) ଆର୍.ଏସ୍‌ଭି କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଦୀପିକା ପୃଷ୍ଟି, ଏକତା ରଥ ଏବଂ ଓମ୍‌ଶ୍ରୀ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ ଦାୟିତ୍ୱ ତୁଲାଇଥିଲେ।

**ବରଗଡ଼:** ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓଡିଆ ପତାକା ଉତ୍ତୋଳନ କରିଥିଲେ। ଏହାପରେ ରାଷ୍ଟ୍ରଗାନ ହୋଇଥିଲା।



ବିଦ୍ୟାଳୟର ୪ଟି ଦଳ ନୀଳ ଆଇନଷ୍ଟାଇନ୍, ଲାଲ କ୍ୟୁରି, ସବୁଜ ଡାର୍ୱିନ୍ ଏବଂ ହଳଦିଆ ନ୍ୟୁଟନ୍‌ର ଛାତ୍ରଛାତ୍ରୀ ମାର୍ଚ୍ଚପାଷ୍ଟ କରିଥିଲେ। ସଂସ୍କାର ସେପଲିଙ୍ଗର ଛୋଟ ଶିଶୁମାନେ ଭାଷଣ ଦେବା ସହ ଦେଶାତ୍ମବୋଧକ କବିତା ଆବୃତ୍ତି ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ଦେଶଭକ୍ତିମୂଳକ ଗୀତ, ସାମୂହିକ ନୃତ୍ୟ, କବିତା ଓ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାଓଡିଆ ଛାତ୍ରଛାତ୍ରୀଙ୍କୁ ଜଣେ ଦାୟିତ୍ୱବାନ ନାଗରିକ ହେବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମର ସମାପ୍ତି ମିଠା ବଣ୍ଟନ ଓ ଧନ୍ୟବାଦ ଅର୍ପଣ ସହିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୁରସ୍କାର ହାସଲ କରିଥିଲେ। ଦ୍ୱିତୀୟ ଶ୍ରେଣୀର ସୁପ୍ରମିତ ସ୍ୱାଇଁ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ, ବକ୍ତୃତା ପ୍ରତିଯୋଗିତାରେ ସପ୍ତମ ଶ୍ରେଣୀର ଆରାଧା ଲାଠ ପ୍ରଥମ ସ୍ଥାନ (୬-୮ ବର୍ଗ), ନବମ ଶ୍ରେଣୀର ପ୍ରୀତି ପ୍ରଜ୍ଞା ସାହୁ ଦ୍ୱିତୀୟ ସ୍ଥାନ ଓ ଧ୍ୱନି ଅଗ୍ରୱାଲ ତୃତୀୟ ସ୍ଥାନ (୯-୧୨ ବର୍ଗ) ଅଧିକାର କରି ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

**ବରଗଡ଼:** ବିଦ୍ୟାସାଗର ଏକାଡେମୀରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଠ, ବିଦ୍ୟାଳୟର ଚେୟାରମ୍ୟାନ ବଳରାମ ବିଶି, ମ୍ୟାନେଜିଂ ଡାଇରେକ୍ଟର ଶୁଭ୍ରନିତା ବିଶି, ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ସୁଧାମୟୀ ଭୋଇ, ଏକାଡେମିକ ଡାଇକରେକଟର ଡ ଜୟଦଦେବ ଭୋଇ, ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର ଓ ସିଏଚଏସଇ ଅଧ୍ୟକ୍ଷ ବିକାଶ ସେନ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ



କରିଥିଲେ। ଛାତ୍ରୀ ସମୀକ୍ଷା ପ୍ରଧାନ ଓ ସୋନାକ୍ଷୀ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହା ସହିତ ପରେଡ ହୋଇଥିଲା। ଶିକ୍ଷକ ତାପସକୁମାର ଓ ସୁଶୀଲ ବୁଧିଆଙ୍କ ତତ୍ତ୍ୱାବଧାନରେ ଦେଶାତ୍ମବୋଧ ସଙ୍ଗୀତ, କବିତା ଓ ନୃତ୍ୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ ହେବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସ୍ତରରେ ମଧ ବିଦ୍ୟାସାଗର ଏକାଡେମୀର ପରେଡ ଦଳ ଭାଗ ନେଇ ଜୁନିୟର ସିଭିଲିଆନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଚ୍ୟାୟରମ୍ୟାନ ବଳରାମ ବିଶି ଖେଳ ଶିକ୍ଷକ ସୁଧୀର ସାହୁ ଓ ପରେଡ ଦଳକୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

**ପଦ୍ମପୁର:** ଆରବି ହାଇସ୍କୁଲ ପଡ଼ିଆରେ ଉପଖଣ୍ଡସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ବିଧାନ ଓ ରାଷ୍ଟ୍ରର ସୁରକ୍ଷା ପ୍ରତି ସଚେତନ ରହିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ବୋଲି ସେ କହିଥିଲେ।



ପ୍ରଭାତ ୪.୩୦ରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୂନ କରାଯାଇଥିଲା। ପ୍ରଭାତଫେରୀ ଗୋପାଳଜୀ ମନ୍ଦିରରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ମୋଟ ୪୫ଟି ପରେଡ୍ ଦଳ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମୁଖ୍ୟ ଅତିଥି ଜେଲ୍ ଅନ୍ତେବାସୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ସେହିପରି ମେଡିକାଲ ରୋଗୀମାନଙ୍କ ଓ କୁଷ୍ଠାଶ୍ରମରେ ଧୋତି ଓ ଶାଢ଼ୀ ବଣ୍ଟନ କରାଯାଇଥିଲା। ସହରର ବରିଷ୍ଠ ବ୍ୟକ୍ତିବର୍ଗ, ସାମ୍ବାଦିକମାନେ, କାର୍ଯ୍ୟକାରୀ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ, ଉପଜିଲ୍ଲାପାଳଙ୍କ ସହାୟକ ସନ୍ତୋଷ ପତି, ଜିଲ୍ଲାପାଳଙ୍କ ସହାୟକ ନେପାଳ ଚନ୍ଦ୍ର ମୁଣ୍ଡା ଏବଂ ପଦ୍ମପୁର କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ପଦ୍ମପୁର:** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ଜନକଲାଲ ମେହେର ଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଞ୍ଜୀବ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଦିବା



ପର୍ଯ୍ୟାୟରେ ମୁଦିରଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାମନ୍ଦିର ପରିସରରେ ସଭାପତି ପୃଥ୍ୱିରାଜ ସାହୁ ପତାକା ଉତ୍ତୋଳନ କରି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବିଦ୍ୟାମନ୍ଦିର ପ୍ରମୁଖ ଦେବରାଜ ଡନସନା ଅତିଥି ପରିଚୟ କରିଥିଲେ। ତରଣୀ ସେନ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପଦ୍ମପୁର ଉପଖଣ୍ଡ ସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ ଶିଶୁ ବିଦ୍ୟାମନ୍ଦିରର ୩୩ ଜଣ ଓ ଦୁଇଜଣ ଚାମ୍ପିଅନ ପୁରସ୍କୃତ ହୋଇଥିଲେ ଓ ମିଳିତ ପରେଡରେ ଜୁନିୟର ରେଡକ୍ରସ ଦଳ, ସିନିୟର୍ ଭାଇ ଦଳ, ଜୁନିଅର ଭଉଣୀ ଦଳ ଓ ସବ୍‌ଜୁନିୟର ଭାଇ ଦଳ ବିଜୟୀ ହୋଇ ଟ୍ରଫି ଗ୍ରହଣ କରିଥିଲେ।

**ଦହିତା:** ରାଜବୋଡାସମ୍ବର ବ୍ଲକ୍ ଅଧୀନ ଦହିତା ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନା ୭୭ତମ ଗଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନା



କମିଟି ଅଧ୍ୟକ୍ଷ ଉପେନ୍ଦ୍ର ପଟେଲ, ବରିଷ୍ଠ ଅଭିଭାବକ ବିଷ୍ଣୁ ମେହେର ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ସୋନାଲିକାଙ୍କ ତତ୍ତ୍ୱାବଧାନରେ ଗାଇଡ୍, ତ୍ରିଲୋକେଶ ବରିହା ସ୍କାଉଟ୍, ଦୀପକ୍ ସିଂ ବରିହା ରେଡକ୍ରସ୍, ମନୀଷାଙ୍କ ବୁଲ୍ ବୁଲ୍ ଦଳ ଓ ପ୍ରମୋଦ କଲେତ୍ ଏବଂ କସ୍ତୁଭମ୍ ମିଶ୍ରଙ୍କ ସିଭିଲିଏନ୍ ଦଳ ବ୍ୟାଣ୍ଡ ବାଜାର ତାଳେ ତାଳେ ମାର୍ଚ୍ଚପାଷ୍ଟ କରି ନଗର ପରିକ୍ରମା କରିଥିଲେ। ମୁସ୍କାନ୍ ବାଗ ପରେଡ୍ ପରିଚାଳନା କରିଥିଲେ। କ୍ଷୀରୋଦ୍ର ସାହୁ, କିଶୋର କୁମ୍ଭାର, ପୁରନ୍ଦର ଭୋଇ, ରାହୁଲ ବିଶ୍ୱାଳ, ଭାନୁମତି କଳିହାରୀ, ପୂଜା ସାହୁ, ଅଞ୍ଜଳି ବେହେରା, ତୁଷାର ରଞ୍ଜନ ପାଣିଗ୍ରାହୀ, ପୁରନ ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଥୁଆପାଲି:** ଥୁଆପାଲିର ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କ ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଙ୍କ୍ରିଡା ପାଙ୍କ ଠାରେ ସଭାପତି ସୁବ୍ରତ ଚାନ୍ଦ, ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ପରିଷଦ ୨ର ସଭ୍ୟ ସତ୍ୟଜିତ ପୁରୋହିତ, ପୂର୍ବତନ ସଙ୍କ୍ରିଡା ସରପଞ୍ଚ ଶୁସାନ୍ତ ସାହୁ, ସମ୍ପାଦକ ସୁବାଷ ଚନ୍ଦ୍ର ପୁରୋହିତ, ସମସ୍ତ ଡାଇରେକ୍ଟର, କର୍ମଚାରୀ ଉପସ୍ଥିତ ଥିଲେ। ସଙ୍କ୍ରିଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଠାରେ, ରାଜସ୍ୱ ବିଭାଗ ଅଧିକାରୀ ଡମ୍ବୁରୁଧର ସେଠ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତାବିରା ଆରଏମସି, ଝରାପାଲି ମାର୍କେଟ ଇନ୍‌ଚାର୍ଜ ଯାମିନୀ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟୁତ ବିଭାଗ, ଜଳସେଚନ ବିଭାଗ, ଥୁଆପାଲି ୟୁଜିଏମଇ



ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଷ୍ଟ୍ରୀୟ ଶିକ୍ଷା ବିକାଶ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଓ ନ୍ୟୁ ଡନବସ୍କୋ ଏକାଡେମୀ ବିଦ୍ୟାଳୟ, ବାମଦେବ ପାଢ଼ୀ ଉଚ୍ଚ ବିଦ୍ୟାଳୟ ଝରାପାଲି ପକ୍ଷରୁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କମିଟି ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସେହିପରି ଅତାବିରା ଆରଏମସି ଅଧୀନ ଖୁଣ୍ଟୁଲିପାଲି ମାର୍କେଟ ୟାର୍ଡ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ଖୁଣ୍ଟୁଲିପାଲି ମାର୍କେଟ ଇନ୍‌ଚାର୍ଜ ଚିତ୍ତରଞ୍ଜନ ଆଚାର୍ଯ୍ୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚାଷୀ ଓ ମାର୍କେଟ କର୍ମଚାରୀ ଚିତ୍ତରଞ୍ଜନ ପୋଢ଼, ରଣଜିତ ବଢ଼େଇ, ଲିଙ୍କନ ଭୋଇ, ଆକାଶ ପଧାନ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ।

**ମେଲଛାମୁଣ୍ଡା:** ବରଗଡ଼ ଜିଲ୍ଲା ଘେଁସ୍ ଓ ଆଖପାଖ ଅଞ୍ଚଳରେ ମହା ସମାରୋହରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଘେଁସ ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ଗ୍ରାମ୍ୟ ସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ ଉଚ୍ଚନୀଚ ଭେଦଭାବରୁ ଉର୍ଦ୍ଧ୍ୱରେ ରହି ସୁସ୍ଥ



ସମାଜ ଗଠନ କରିବାକୁ ଉଦବୋଧନ ଦେଇଥିଲେ। ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ପରେଡ୍ କରିଥିଲେ। ସ୍କୁଲ ମାନଙ୍କରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତଛାତ୍ରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାଗ ପୁରସ୍କୃତ କରିଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସ୍କୁଲ ପରିଚାଳନା ସମିତିର ସମ୍ପାଦକ କୁର୍ତ୍ତିବାସ ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ହାଇସ୍କୁଲରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଦାସ, ପଞ୍ଚାୟତ ଠାରେ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ, ସମ୍ବିତ ଏକାଡେମୀରେ ଶିକ୍ଷକ ଦିଲୀପ ଭୋଇ, ସ୍ପେକ୍ଟ୍ରମ୍ ଇଂରାଜୀ ମିଡିୟମ୍ ସ୍କୁଲ ଠାରେ ଜାତୀୟ ପତାକା ଉତ୍ତୋଳନ କରି ଗଣତନ୍ତ୍ର ଦିବସ ପାଳନ ହୋଇଯାଇଛି।

**ପାଇକମାଳ:** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବଡ ଖେଳ ପଡ଼ିଆରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ପୂର୍ବତନ



ବିଧାୟକ ସତ୍ୟଭୂଷଣ ସାହୁ ପତାକା ଉତ୍ତୋଳନ କରିଥିଲେ। ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପରମେଶ୍ୱର ସାହୁ, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଜାମସେଠ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗୋପାଳ ପ୍ରସାଦ ବେହେରା, ପଞ୍ଚାୟତ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ସରକାରୀ ଡାକ୍ତରଖାନାରେ ଡ.ପଙ୍କଜ ଭୋଇ, ସମବାୟ ସମିତିରେ ସମ୍ପାଦକ ଦାମୋଦର ରଣା ପତାକା ଉତ୍ତୋଳନ କରିଥିଲେ। ସେହିପରି ପାଇକମାଳ ଓ ମାଣ୍ଡୋସିଲ ଅଞ୍ଚଳର ବିଭିନ୍ନ ସରକାରୀ ତଥା ବେସରକାରୀ ସ୍କୁଲ, କଲେଜ ଗୁଡିକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ପରିସରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ



ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ ପତାକା ଉତ୍ତୋଳନ କରିଥିଲେ। ଅମ୍ବାଭୋନା ବିଡିଓ ଲଳିତ ବାଗ ସାଧାରଣତନ୍ତ୍ର ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭୁକ୍ତା ବ୍ଲକ କଲୋନୀ ସ୍କୁଲ, ପ୍ରେରଣା ମଣ୍ଡେଶ୍ୱରୀ ସ୍କୁଲ, ପଞ୍ଚାୟତ ଗାର୍ଲସ ହାଇସ୍କୁଲ ଓ ଗାଡେନିୟା ଇଂଲିଶ ମିଡିୟମ ସ୍କୁଲ ସମେତ ବିଭିନ୍ନ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସେହିପରି ପ୍ରକାଶପୁର ସ୍ଥିତ ଜୟ ଜଗନ୍ନାଥ କଳାପରିଷଦରେ କଳାପରିଷଦର ପୁରୁଖା ସଭ୍ୟ ଟୀକାରାମ ପଟେଲ ପତାକା ଉତ୍ତୋଳନ କରିଥିବା ବେଳେ ଅନୁଷ୍ଠାନର ସଭ୍ୟରବିଶଙ୍କର ବେହେରା, ଥଣ୍ଡାରାମ ପଧାନ, ଶିବପ୍ରଶାଦ ଭୋଇ, ଲିଙ୍ଗରାଜ ପଟେଲ, ନାଗାର୍ଜୁନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ସୋହେଲା:** ସ୍ଥାନୀୟ ମିନିଷ୍ଟାଡିୟମରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ବିଡିଓ ତଥା ନବ ଗଠିତ ସୋହେଲା ଏନଏସିର ଏକଜିକ୍ୟୁଟିଭ ଅଫିସର କରିସ୍ମା ବେସ୍ରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ସବଜୁନିୟର ଗ୍ରୁପରେ ପବ୍ଲିକ ସ୍କୁଲ, ଜୁନିୟର ଗ୍ରୁପରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସିନିୟର ଗ୍ରୁପ୍‌ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଦଳ ପୁରସ୍କୃତ ହୋଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶୁଭରଞ୍ଜନ ନାୟକ, ସ୍ଥାନୀୟ ଜେଏମଏଫସି କୋର୍ଟର ବିଚାରପତି ଶୁଭମ ମିଶ୍ର, ଜାତୀୟ ଦିବସ ପାଳନ କମିଟି ସଦସ୍ୟ ଡାକ୍ତର ଶିଶିର ସାହୁ, ବିଏସଏସଓ ହରେକୃଷ୍ଣ ମହାପାତ୍ର, ଅଶ୍ୱିନୀ ପାତ୍ର, କ୍ଷମାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ମିଶ୍ର ସଂଯୋଜନା କରିଥିବା ବେଳେ ମହାଦେବ ସୁନା, ଧନେଶ୍ୱର ସାହୁ, ବୁଲୁ ପରୁଆ ଓ ମନଜୀତ ନାୟକ ସହଯୋଗ କରିଥିଲେ। ଏହା ପୂର୍ବରୁ ସ୍ଥାନୀୟ ମୁଖ୍ୟ ଛକରେ ଥିବା ସତ୍ୟାଗ୍ରହୀ ସ୍ମାରକୀ ପୀଠରେ ତହସିଲଦାର ଶୁଭରଞ୍ଜନ ନାୟକ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ।



**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ସରକାରୀ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ପାଳିତ ହୋଇଯାଇଛି। ବିଜେପୁର ବିଧାୟକ ସନତ ଗଡ଼ତିଆ ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ୨୮ଟି ଦଳ ଭାଗ ନେଇଥିଲେ। ବରିଷ୍ଠ ବିଭାଗରେ ଏନସିସି ବିଜେପୁର କଲେଜ ପ୍ରଥମ, ରେଡିଏନ୍ସ କଲେଜ ଦ୍ୱିତୀୟ, ଓଆରସି



ବିଜେପୁର କଲେଜ ତୃତୀୟ, ଉପବରିଷ୍ଠ ବିଭାଗରେ ଏନସିସି ସରକାରୀ ହାଇସ୍କୁଲ ପ୍ରଥମ, ଜେଆରସି ସରକାରୀ ବାଳିକା ହାଇସ୍କୁଲ ଦ୍ୱିତୀୟ, ଆଦର୍ଶ ବିଦ୍ୟାଳୟ ତୃତୀୟ, ସେହିପରି କନିଷ୍ଠ ବିଭାଗରେ ଆଦର୍ଶ ବିଦ୍ୟାଳୟ ପ୍ରଥମ, ରେଣ୍ଡୀ ଏନ୍ସ ସ୍କୁଲ ଦ୍ୱିତୀୟ, ଅରବିନ୍ଦ ଶିକ୍ଷାକେନ୍ଦ୍ର ତୃତୀୟ, ଉପକନିଷ୍ଠ ବିଭାଗରେ ରେଡିଏନ୍ସ ସ୍କୁଲ, ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ରହିଥିଲେ। ପୋଷାକରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଶାନ୍ତିଶୃଙ୍ଖଳାରେ ବିଜେପୁର କଲେଜ ଯୋଗ୍ୟ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଝାଙ୍କିରେ ଶ୍ରୀଅରବିନ୍ଦ ସ୍କୁଲ, ଲିଟିଲ ଷ୍ଟାର ସ୍କୁଲ ଓ ଶଙ୍କର୍ଷଣ ୟୁପି ସ୍କୁଲ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ସରୋଜ ବିଶ୍ୱାଳ, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ଅଧିକାରୀ, ସମାଜସେବୀ, ଶିକ୍ଷକ ଶିକ୍ଷୟିତ୍ରୀଗଣ ଉପସ୍ଥିତ ଥିଲେ।

## ● ସୋହେଲା ଉପକାରାଗାରରେ ବ୍ୟଙ୍ଗ କବିତା ଆସର

**ସୋହେଲା:** ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସୋହେଲା ଉପ କାରାଗାରରେ ବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କାରାଗାର ଅନ୍ତେବାସୀଙ୍କ ମନରେ ପରିବର୍ତ୍ତନ ନିମନ୍ତେ ସ୍ୱାଧୀନତା ସ୍ମୃତି କମିଟି ଘନଘାଟୀ ତରଫରୁ କବିତା ଆସର ହୋଇଥିଲା। ସମାଜସେବୀ ତଥା ସାମ୍ବାଦିକ ଅନୀଲ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋହେଲା



ବିଚାର ବିଭାଗର ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ଶୁଭରଞ୍ଜନ ମିଶ୍ର, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସୋହେଲା ଥାନାଧିକାରୀ ହରିଶଙ୍କର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ବ୍ୟଙ୍ଗ କବି ବିପ୍ଳବୀ କବି ନିତିଶ ଚନ୍ଦ୍ର ଆଚାର୍ଯ୍ୟ, ଗୌର ଚଟନୀ ମାଷ୍ଟର, କବିରଞ୍ଜିତ ପଧାନ, ଉପକାରାଗାରର ଫାର୍ମାସିଷ୍ଟ ଅନୀଲ ନାୟକ ନିଜର ବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ନୃତ୍ୟ ଶିଳ୍ପୀ ବର୍ଷା ଷାଣ୍ଢେ ନୃତ୍ୟ ପରିବେଷଣ କରିଥିଲେ। କେଦାରନାଥ ସାହୁଙ୍କ ସଂଯୋଜନାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ କୁଅଁର ଏକ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଅଧୀକ୍ଷକ ହୁତେଶ୍ୱର ଛୁରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସୋହେଲା ବିଧାନସଭାର ପ୍ରଥମ ବିଧାୟକ ସ୍ୱର୍ଗତ ଭିକାରୀ ଚରଣ ସାହୁଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାରେ ନରେଶ ଚନ୍ଦ୍ର ସାହୁ, ସଚିନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ● ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସରେ ରକ୍ତଦାନ ଶିବିର

**ବରଗଡ଼:** ଗଣତନ୍ତ୍ର ଦିବସ ଉପଲକ୍ଷେ ବରଗଡ଼ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ କର୍ନଲ ବିଶ୍ୱଜିତ ଦାସ୍‌ଙ୍କ କରକମଳରେ ତଥା ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ, ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସର




ମୁଖ୍ୟ ପ୍ରଶାସକ ଇଂ ଅଜୟ ମହାପାତ୍ର, ବରିଷ୍ଠ ଉପଦେଷ୍ଟା ପିକେ ଦାଶ, ଭିନ୍ନ ଭିନ୍ନ ବିଭାଗର ଅଧ୍ୟକ୍ଷ-ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ କାର୍ଯ୍ୟକ୍ରମ ଉଦ୍‌ଘାଟନରେ ଉପସ୍ଥିତ ଥିଲେ। ଶିବିରରୁ ସର୍ବମୋଟ୍ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।

